

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



✢Vol - 21✢ Issue No:159✢5 October 2025 (Sunday) ✢ Rourkela ✢ Rs.2.00 ✢ Page -1 ✢୨୧ ବର୍ଷ ✢ସଂଖ୍ୟା:୧୫୯✢୫ ଅକ୍ଟୋବର ୨୦୨୫ (ରବିବାର)✢ ରାଉରକେଲା ✢ମୂଲ୍ୟ:ଟ.୨.୦୦✢ ପୃଷ୍ଠା-୬


## ପିଓକେରେ ହିଂସା ; ସେନା ଗୁଳିରେ ୧୨ ମୃତ





ମୁଜାଫରାବାଦ,୪/୧୦: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଆରମ୍ଭ ହୋଇଥିବା ସରକାରୀ ବିରୋଧୀ ବିକ୍ଷୋଭ ହିଂସାର ରୂପ ନେଇଛି । ପାକିସ୍ତାନର କାଶ୍ମୀରବାସୀ ରିଆତି ଦରରେ ଖାଦ୍ୟ, ବିଜୁଳି ଓ ଅନ୍ୟାନ୍ୟ ସେବା ଯୋଗାଇ ଦେବା ଦାବିରେ ବିକ୍ଷୋଭ ଚଳାଇଥିବାବେଳେ ସରକାର ସେମାନଙ୍କ ଉପରେ ବଳ ପ୍ରୟୋଗ କରିଛନ୍ତି । ଫଳରେ ଉଭୟଙ୍କ ମଧ୍ୟରେ ସଂଘର୍ଷ ହୋଇଛି । ଲୋକେ ରାସ୍ତାଘାଟ ଅବରୋଧ କରିଥିବାବେଳେ ସେନା ଓ ପୁଲିସ ସେମାନଙ୍କୁ ରାସ୍ତାରୁ ହଟାଇବା ଲାଗି ଗୁଳିମାଡ କରିଛି । ସୁରକ୍ଷା ବାହିନୀଙ୍କ ଗୁଳିମାଡରେ ୧୨ଜଣ ପ୍ରାଣ ହରାଇଛନ୍ତି । ଏହା ସହିତ ଶତାଧିକ ଆହତ ହୋଇଛନ୍ତି । ଅନ୍ୟପଟେ ଲୋକଙ୍କ ପାଲଟା ଆକ୍ରମଣରେ ୩ଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଥିବାବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି । ସେପ୍ଟେମ୍ବର ୨୯ ତାରିଖରେ ପିଓକେରେ ସରକାରୀ ବିରୋଧୀ ବିକ୍ଷୋଭ ଆରମ୍ଭ ହୋଇଥିଲା । ଅକ୍ଟୋବର ୨ରେ ଏହି ବିକ୍ଷୋଭ ହିଂସା ରୂପ ନେଇଥିଲା । ବିକ୍ଷୋଭକାରୀଙ୍କ ଉପରେ ସୁରକ୍ଷା ବାହିନୀ ବଳ ପ୍ରୟୋଗ କରିଥିଲା । ଜାମ୍ମୁ-କାଶ୍ମୀର ଜଏଟଂ ଆୱାମୀ ଆକ୍ସନ କମିଟି (ଜେକେଜେଏଏସି) ପକ୍ଷରୁ ଏହି ବିକ୍ଷୋଭ ଆରମ୍ଭ ହୋଇଥିଲା । ପିଓକେର ନିଲମ ଭ୍ୟାଲି ପବ୍ଲିକ ଆକ୍ସନ କମିଟି ଓ ଜଏଟଂ ଆକ୍ସନ ମାର୍କେଟ କମିଟି ସମର୍ଥନ କରି ସମସ୍ତ ପ୍ରକାର ଦୋକାନ ବଜାରକୁ ବନ୍ଦ କରିଥିଲା । ଚୌଧୁରୀ ଅନୱର ଉଲ୍ ହକ୍ ?ଙ୍କ ନେତୃତ୍ୱାଧୀନ ପିଓକେ ସରକାର ଲୋକଙ୍କ ଦାବିକୁ ପୂରଣ କରିବାରେ ବିଫଳ ହୋଇଥିବା ପବ୍ଲିକ ଆକ୍ସନ କମିଟି କହିଛି । ସେନା ଓ ପୁଲିସ ଗୁଳିରେ ୧୨ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଥିବା ଖବରକୁ ଚୌଧୁରୀ ଅନୱର ଉଲ୍ ହକ୍ ଇସଲାମାବାଦରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ୱୀକାର କରିଛନ୍ତି । ଚୌଧୁରୀ କହିଛନ୍ତି ଯେ ପିଓକେବାସୀଙ୍କ ୯୦ ପ୍ରତିଶତ ଦାବିକୁ ଗ୍ରହଣ କରାଯାଇଛି । ମାତ୍ର ଦୁଇଟି ଦାବି ଯଥା କାଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ବିଧାନସଭାରେ ସଂରକ୍ଷଣ ଥିବା ଆସନକୁ ଉଚ୍ଛେଦ କରିବା ଓ ବିଧାନସଭାରେ ମନ୍ତ୍ରୀ ସଂଖ୍ୟା ହ୍ରାସ କରିବାକୁ ସରକାର ବିଚାର କରୁଛନ୍ତି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ତାରିକ ଫୌଜଲ ଚୌଧୁରୀ ପିଓକେରେ ଦେଖାଯାଇଥିବା ହିଂସାକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି କାଶ୍ମୀର ଭଳି ସ୍ୱର୍ଗୀୟ ସ୍ଥାନ ରଣକ୍ଷେତ୍ର ପାଲଟିବା ଠିକ୍ ନୁହେଁ । ସରକାର ସମସ୍ତ ସମସ୍ୟାକୁ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରିବାକୁ ଆଗ୍ରହୀ । ପିଓକେରେ ଚାଲିଥିବା ବିକ୍ଷୋଭକୁ ନେଇ ଇସଲାମାବାଦ ପୁଲିସ ସ୍ଥାନୀୟ ନ୍ୟାସନାଲ ପ୍ରେସ କ୍ଲବ (ଏନପିସି)ରେ ଚଢଉ କରି ସାମ୍ବାଦିକଙ୍କୁ ମାଡ ମାରିଛି । କେତେକ କ୍ୟାମେରା ମ୍ୟାନଙ୍କ କ୍ୟାମେରା ଓ ଅନ୍ୟାନ୍ୟ ଯନ୍ତ୍ରାଂଶକୁ ପୁଲିସ ଭଙ୍ଗାରୁଜା କରିଛି । ପିଓକେରେ ଚାଲିଥିବା ବିକ୍ଷୋଭକୁ ସମର୍ଥନ ଜଣାଇ ପିଓକେର ଓକିଲ ସଂଘ ଏନସିପିରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଚଳାଇଥିଲେ । ଏହା ଜାଣିବା ପରେ ପୁଲିସ ଏନପିସିରେ ଚଢଉ କରିଥିଲା । ଚଢଉକୁ ସାମ୍ବାଦିକମାନେ ବିରୋଧ କରିବାରୁ ପୁଲିସ ସେମାନଙ୍କୁ ମାଡ ମାରିଥିଲା । ଗୁରୁବାର ପୁଲିସ କରିଥିବା ଏପରି ବର୍ବର କାର୍ଯ୍ୟକୁ ସାମ୍ବାଦିକ ସଂଘ ନିନ୍ଦା କରିବା ସହିତ କଳା ଦିବସ ପାଳନ କରିଛି । ପାକିସ୍ତାନ ଫେଡେରାଲ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ପିଏଫ୍ୟୁଜେ) ପ୍ରେସ କ୍ଲବରେ କଳା ପତାକା ଉତ୍ତୋଳନ କରିଛି । ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଦେଶବ୍ୟାପୀ ଉତ୍ତେଜନା ପ୍ରକାଶ ପାଇଛି ।

## ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ :

### ସାଙ୍ଗଠନିକ ବିଷୟ ଉପରେ ଆଲୋଚନା



ନୂଆଦିଲ୍ଲୀ,୪/୧୦:ଦିଲ୍ଲୀରେ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କୁ ଭେଟିଛନ୍ତି । ଏନେଇ ଏକ୍ସରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଉଭୟଙ୍କ ମଧ୍ୟରେ ବିଭିନ୍ନ ସାଂଗଠନିକ ବିଷୟ ଉପରେ ଆଲୋଚନା ହୋଇଥିବା ସୂଚନା ମିଳିଛି । ଏହାସହିତ ରାଜନୈତିକ ସ୍ଥିତି ଓ ଭବିଷ୍ୟତରେ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଛି । ଦଶହରା ଶେଷ ହେବା ପରେ ଏବେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ଚର୍ଚ୍ଚା ଜୋର ଧରିଛି । ତେବେ ଏହି ସାକ୍ଷାତକାରକୁ ନେଇ ମୁଖ୍ୟମନ୍ତ୍ରୀ ଏକ୍ସରେ ପୋଷ୍ଟ କରି କହିଛନ୍ତି ଜେ.ପି ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାରୁ ସୁଯୋଗ ପ୍ରାପ୍ତ ହେଲା । ଏହି ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଜେ.ପି ନଡ୍ଡାଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆମକୁ ଆଗାମି ଦିନରେ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବ ।

## ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ :ଓପିଆରବି ଅଧ୍ୟକ୍ଷ

ଭୁବନେଶ୍ୱର,୪/୧୦(ନି/ପ୍ର): ଏସ୍ଆଇ ପରୀକ୍ଷା କେଲେଙ୍କାରୀ ନେଇ ଖୋଳତାଡ ଜାରି ରହିଥିବା ବେଳେ ଆଜି ଓପିଆରବି ଅଧ୍ୟକ୍ଷ ସୁଶାନ୍ତ ନାଥଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଓପିଆରବିର କର୍ମଚାରୀମାନେ ଉପସ୍ଥିତ ଥିଲେ । ତେବେ ବୈଠକ ପରେ ଓପିଆରବି ଅଧ୍ୟକ୍ଷ ସୁଶାନ୍ତ ନାଥ ପ୍ରତିକ୍ରିୟା ଦେଇ କହିଛନ୍ତି ଯାହା ଘଟଣା ଘଟିଛି, ତାହା ଲିଖିତ ଭାବେ ଆମେ କ୍ରାଇମବ୍ରାଂଚକୁ ଜଣାଇଛୁ । ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି । ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସଠିକ୍ ସମୟରେ ସ୍ୱଚ୍ଛ ଭାବେ ପରୀକ୍ଷା ହେବ ।

## ‘ଭାରତ ଶାନ୍ତି ସହିତ ଅଛି’



### ଇସ୍ରାଏଲ-ଗାଜା ଶାନ୍ତି ଚୁକ୍ତିକୁ ନେଇ ଟ୍ରମ୍ପଙ୍କୁ ପିଏମ୍ ମୋଦିଙ୍କ ସମର୍ଥନ

ନୂଆଦିଲ୍ଲୀ,୪/୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଲଟିମେଟ୍ ଆଗରେ ନଇଁଲା ହମାସ । ଗାଜା ଉପରେ କରିଥିବା କବ୍ ?ଜା ସହ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ରାଜି ହୋଇଛି ହମାସ୍ । ଡୋନାଲ୍ଡ ଟ୍ରମ୍ପଙ୍କ ’ଗାଜା ପ୍ଲାନ’ ପ୍ରସ୍ତାବରେ ହମାସ୍ ସହମତ ହୋଇଛି । ଖୁବଶୀଘ୍ର ମଧ୍ୟପ୍ରାଚ୍ୟରେ ଶାନ୍ତିର ବାଟ ଫିଟିପାରେ । ଇସ୍ରାଏଲ ଓ ଗାଜା ଶାନ୍ତି ଚୁକ୍ତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଶଂସା କରିଛନ୍ତି । ଭାରତ ସର୍ବଦା ଶାନ୍ତି ସହିତ ଅଛି । ଭାରତ ସେ ସମସ୍ତ ଚେଷ୍ଟା ଯାହା ଶାନ୍ତି ପାଇଁ ହେଉଛି ତାର ପୂର୍ଣ୍ଣ ସହଯୋଗ-ସମର୍ଥନ କରିବ ବୋଲି କହିଛନ୍ତି ପିଏମ୍ ମୋଦି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାଜା ଶାନ୍ତି ପ୍ରସ୍ତାବକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି । ସୋସିଆଲ ମଡିଆ ଏକ୍ସରେ ପିଏମ୍ ମୋଦି କହିଛନ୍ତି, ’’ଶାନ୍ତି ପ୍ରକ୍ରିୟା ନିର୍ଣ୍ଣାୟକ ମୋଡରେ ରହିଛି । ସମସ୍ତ ବନ୍ଧକ ମୁକୁଳିବା ସଙ୍କେତ ମିଳିଛି ଯାହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆମେ ଗାଜାରେ ଶାନ୍ତି ଫେରାଇ ଆଣିବାକୁ ନିଆଯାଇଥିବା ପ୍ରସ୍ତାବରେ ନିର୍ଣ୍ଣାୟକ ପ୍ରଗତି ମଧ୍ୟରେ ଟ୍ରମ୍ପଙ୍କ ନେତୃତ୍ୱର ସ୍ୱାଗତ କରୁଛୁ । ବନ୍ଧକଙ୍କୁ ଛାଡିବା ସଙ୍କେତ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଭାରତ ଏକ ସ୍ଥାୟୀ ଏବଂ ନ୍ୟାୟପୂର୍ଣ୍ଣ ଶାନ୍ତି ପାଇଁ ସମସ୍ତ ପ୍ରୟାସର ଦୃଢ ସମର୍ଥନ ଜାରି ରଖିବ । ଅଷ୍ଟ୍ରେଲିଆର ସମର୍ଥନ- ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଏନ୍ଥନୀ ଅଲବନୀଜ ମଧ ଟ୍ରମ୍ପଙ୍କ ଯୋଜନାକୁ ସମର୍ଥନ କରିଛନ୍ତି । ସେ କହିଛନ୍ତି, ହମାସ ତୁରନ୍ତ ଅସ୍ତ୍ର ଛାଡି ସବୁ ବନ୍ଧକଙ୍କୁ ମୁକ୍ତ କରିବା ଦରକାର । ଅଷ୍ଟ୍ରେଲିଆ ଟ୍ରମ୍ପଙ୍କ ଯୋଜନାକୁ ସମର୍ଥନ କରୁଛି । ଅଷ୍ଟ୍ରେଲିଆ ଯୁଦ୍ଧ ଶେଷ କରିବାକୁ, ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ଶାନ୍ତିର ବାଟକୁ ସମର୍ଥନ ଜାରି ରଖିବ ।

## ୯ ପିଲାଙ୍କ ମୃତ୍ୟୁ ପରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆକ୍ସନ

### ରାଜ୍ୟରେ କଫ୍ ସିରପ ବିକ୍ରି ବ୍ୟାନ୍



ନୂଆଦିଲ୍ଲୀ,୪/୧୦: ଦୁଇବର୍ଷରୁ କମ୍ ବୟସର ପିଲାମାନଙ୍କୁ କଫ୍ ସିରଫ ନ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଷାକ୍ତ କଫ ସିରପ ପିଇ ୧୧ ଶିଶୁଙ୍କ ମୃତ୍ୟୁ ଘଟିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟମାନଙ୍କୁ ଏହି ଆଡଭାଇଜରି ଜାରି କରାଯାଇଥିଲା । ଏହି ଆଧାରରେ ମଧ୍ୟପ୍ରଦେଶ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ରାଜ୍ୟରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହେବା ପରେ କଫ୍ ସିରପ ବିକ୍ରି ଉପରେ ରୋକ ଲାଗିଛି । ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ । ମଧ୍ୟପ୍ରଦେଶରେ ୯ ଜଣ ଶିଶୁଙ୍କ ମୃତ୍ୟୁ ପରେ ରାଜ୍ୟରେ କୋଲଡ୍ରିଫ୍ କଫ୍ ସିରପ୍ ବିକ୍ରୟ ଉପରେ ପ୍ରତିବନ୍ଧକ ଲାଗିଛି । ମୁଖ୍ୟମନ୍ତ୍ରୀ ମୋହନ ଯାଦବ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କଫ୍ ସିରପ ବ୍ୟାନ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଆକାଉଂଟରେ ପୋଷ୍ଟ କରି ଲେଖିଛନ୍ତି, ’’କୋଲଡ୍ରିଫ୍ ସିରପ ଯୋଗୁଁ ଛିନ୍ଦୱାଡ଼ାରେ ପିଲାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ । ଏହି ସିରପ ବିକ୍ରୟ ସମଗ୍ର ମଧ୍ୟପ୍ରଦେଶରେ ନିଷେଧ କରାଯାଇଛି । ସିରପ ତିଆରି କରୁଥିବା କମ୍ପାନୀର ଅନ୍ୟାନ୍ୟ ଉତ୍ପାଦ ବିକ୍ରୟ ମଧ ନିଷେଧ କରାଯାଇଛି । ସିରପ କାରଖାନା କାଂଚିପୁରମରେ ଥିବାରୁ, ଘଟଣା ସମ୍ପର୍କରେ ଜାଣିବା ପରେ ରାଜ୍ୟ ସରକାର ତାମିଲନାଡୁ ସରକାରଙ୍କୁ ତଦନ୍ତ କରିବାକୁ କହିଥିଲେ । ତଦନ୍ତ ରିପୋର୍ଟ ଆଧାରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଘଟଣାର ତଦନ୍ତ ପାଇଁ ଏକ ଟିମ୍ ? ମଧ ଗଠନ କରାଯାଇଛି । ଦୋଷୀଙ୍କୁ କୌଣସି ମୂଲ୍ୟରେ ଛଡ଼ାଯିବ ନାହିଁ ।ଗତକାଲି (ଶୁକ୍ରବାର), ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ (ଡିଜିଏଚ୍ଏସ୍) ଜାରି କରିଥିବା ଆଡଭାଇଜରିରେ କହିଥିଲେ ଯେ, ’’୨ ବର୍ଷରୁ କମ୍ ବୟସର ପିଲାଙ୍କୁ ଆଦୌ କଫ୍ ସିରପ ଦିଆଯିବା କଥା ନୁହେଁ । ୫ ବର୍ଷରୁ କମ୍ ବୟସର ପିଲାଙ୍କୁ କଫ ସିରପ ଦେବାରୁ ଦୂରେଇ ରହିବା ଭଲ । ୫ରୁ ଅଧିକ ବର୍ଷର ପିଲାଙ୍କୁ କଫ ସିରପ ଦିଆଗଲେ ସତର୍କତା ଅବଲମ୍ବନ କରିବାକୁ ହେବ । ଯାହାଙ୍କୁ କଫ ସିରପ ଦିଆଯିବ ତାଙ୍କ ଉପରେ କଡା ନଜର ରଖିବାକୁ ହେବ ।

## ଏସ୍ଆଇ ପରୀକ୍ଷା କେଲେଙ୍କାରୀ :

### ସିବିଆଇ ତଦନ୍ତ ଦାବି କଲା ବିଜେଡି, ୬ରେ ହେବ ଆନ୍ଦୋଳନ



ଭୁବନେଶ୍ୱର,୪/୧୦(ନି/ପ୍ର): ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି । ସାମ୍ବାଦିକ ସମ୍ମିଳନୀ କହି ବିଜେଡି ନେତା ପ୍ରତିରଞ୍ଜନ ଘଡେଇ ଓ ଚନ୍ମୟ ସାହୁ କହିଛନ୍ତି ଯେ ଏସଆଇ ପରୀକ୍ଷା ମହାଘୋଟାଲାରେ ଯେଉଁ ତଦନ୍ତ ଚାଲିଛି, ସେଥିରେ ମାଷ୍ଟର ମାଇଣ୍ଡକୁ ଧରିବାରେ ସକ୍ଷମ ହେବ କି ସରକାର । ଗୃହ ସଚିବ ଆଉ ଓ ଓପିଆରବି ଅଧ୍ୟକ୍ଷ କାହିଁକି ତଦନ୍ତ ପରିସରକୁ ଆସୁନାହାନ୍ତି । ୩ଟି ସଂସ୍ଥାକୁ କାହିଁକି ପରୀକ୍ଷା ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହାର ଜବାବ ସରକାର ରଖନ୍ତୁ ବୋଲି ବିଜେଡି ଦାବି କରିଛି । ଏମିତି କେବଳ ରଖାଯାଇଥିଲା ଘୋଟାଲା କରିବାକୁ। କେଉଁ ନିୟମ ଅନୁସାରେ ଆଉଟ ସୋର୍ସିଙ୍ଗ କରିବାକୁ ନିଷ୍ପତ୍ତି ହେଲା । କାହାର ଦସ୍ତଖତ ରହିଛି ଏହି ନିଷ୍ପତି ପଛରେ । କିଏ କରାଇବାକୁ ଚାହୁଁଥିଲା ଏପରି ଦୁର୍ନୀତି, ବୋଲି ପ୍ରଶ୍ନ କରିଛି ବିଜେଡି । ଏହା ପଛରେ ଢେଙ୍କାନାଳ ଲିଙ୍କ୍ ଅଛି, ସିଲିକନ୍ , ଗୃହ ସଚିବ, ଡଂଟଜଈ ସହ ବୋଲି ପ୍ରିତିରଞ୍ଜନ ଘଡ଼ାଇ କହିଛନ୍ତି । ଯଦି ଭବିଷ୍ୟତ ପୀଢ଼ି ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି ତାହାଲେ ଗୃହ ସଚିବ ଓ ଓପିଆରବି ଅଧ୍ୟକ୍ଷଙ୍କୁ ତଦନ୍ତ ପରିସର କରନ୍ତୁ । ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ, ଯଦି ଆପଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ କରିବାକୁ ଚାହୁଁଛି । ଯଦି ନ କରିବେ ତାହେଲେ ମୁଖ୍ୟମନ୍ତ୍ରୀଙ୍କ ସମ୍ପୃକ୍ତି ମଧ ରହିଛି ବୋଲି ଆମେ ଭାବିବା । ମୋହନଙ୍କ କ୍ଷମତା ନିଜ ପାଖରେ ନାହିଁ , ଦିଲ୍ଲୀରେ ଅଛି । ନିଜେ ନିଷ୍ପତ୍ତି ନିଅନ୍ତୁ । ଜବ୍ ସ୍କାମ୍ ଲୁଚାଇବା ପାଇଁ ଏବେ ଅପଚେଷ୍ଟା ଚାଲିଛି । ଅନେକ ଦିନ ଧରି ଜାଲିଆତି ପାଇଁ ଯୋଜନା କରାଗଲା । ପାର୍ବଣ ସମୟରେ ଏହି ଜାଲିଆତି ପାଇଁ ଯୋଜନା ହୋଇଥିଲା । କିନ୍ତୁ ପ୍ରାର୍ଥୀଙ୍କ ଠାରୁ ଅରିଜିନାଲ ସାର୍ଟିଫିକେଟ ଦାବି ପରେ ଝଗଡ଼ା ହୋଇଥିଲା । ଘଟଣା ପ୍ରଘଟ ଭୟରେ ଏହି ଡ୍ରାମା ରଚାଗଲା ।

## ଝାରସୁଗୁଡ଼ାରେ “କନଭେସନ ଅନ୍ ଜିଏସଟି ରିଫର୍ମ - ୨୦୨୫”ରେ କେନ୍ଦ୍ରମନ୍ତ୍ରୀ




### ଜିଏସଟି ସଂସ୍କାର ୨.୦ ଦ୍ୱାରା ସହଜ ଜୀବନଯାପନ ସହ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି : ଧର୍ମେନ୍ଦ୍ର ପ୍ରଧାନ

ଝାରସୁଗୁଡ଼ା, ୪/୧୦(ନି/ପ୍ର): ଜିଏସଟି ସଂସ୍କାର ୨.୦ ଦ୍ୱାରା ’ସହଜ ଜୀବନଯାପନ’ ଓ ଅର୍ଥନୈତିକ ସଂସ୍କାରର ନୂଆ ଯୁଗ ଆରମ୍ଭ ହୋଇଛି । ଇଜ୍ ଅଫ୍ ଲିଭିଂ ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସକୁ ପ୍ରୋତ୍ସାହିତ କରି ଏହି ଜିଏସଟି ସଂସ୍କାର ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମାର୍ଗ ପ୍ରଶସ୍ତ କରିବ ବୋଲି ଶୁକ୍ରବାର ‘ଝାରସୁଗୁଡ଼ା ଚାମ୍ବର୍ସ ଅଫ୍ କମର୍ସ’ ପକ୍ଷରୁ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ “କନଭେସନ ଅନ୍ ଜିଏସଟି ରିଫର୍ମ - ୨୦୨୫” କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ପ୍ରେଜେଂଟେସନ ମାଧ୍ୟମରେ ଟିକସ ପ୍ରକ୍ରିୟା ସରଳୀକରଣ ଦ୍ୱାରା ମୋଦୀ ସରକାରରେ ଆସିଥିବା ଅଭୁତପୂର୍ବ ପରିବର୍ତ୍ତନ ଓ ଏହା ଦ୍ୱାରା ଦେଶକୁ ମିଳିବାକୁ ଥିବା ଲାଭ ଉପରେ ଆଲୋକପାତ କରିଥିଲେ । ଶ୍ରୀ ପ୍ରଧାନ କହିଥିଲେ ଭାରତ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି । ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି । ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ହୋଇଛି । ସେ କହିଛନ୍ତି ଯେ ୨୦୧୯ରେ ଦେଶରେ ପ୍ରାୟ ୪.୯ କୋଟି ନିବେଶକ ଥିଲେ । ଏହି ସଂଖ୍ୟା ୧୩.୨ କୋଟି ହୋଇଛି । ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା । ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି । ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧.୦୩ କୋଟି ହୋଇଛି । ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢିଛି । ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢି ୨୨ ଲକ୍ଷ କୋଟି ହୋଇଛି । କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଜିଏସଟି ସଂସ୍କାର ୨.୦ ଦ୍ୱାରା ଲୋକଙ୍କର ଖର୍ଚ୍ଚ କମୁଛି ଓ ସଂଚୟ ବଢୁଛି । ବିକଶିତ ଅର୍ଥନୀତି ପାଇଁ ଯେଉଁ ସର୍ତର ପ୍ରସ୍ତୁତି ଦରକାର, ଏହି ଜିଏସଟି ସଂସ୍କାର ସେ ଦିଗରେ ବଡ଼ ପଦକ୍ଷେପ । ଏହାକୁ ନେଇ ଲୋକମାନେ ଉତ୍ସାହିତ ଅଛନ୍ତି । ମୋଦୀ ସରକାରରେ ଜିଏସଟି ପ୍ରକ୍ରିୟାରେ ସଂସ୍କାର ଓ ଜିଏସଟି ହାରରେ ସରଳୀକରଣ ପ୍ରମୁଖ ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ । ବିଶେଷ ଭାବରେ ଦୈନନ୍ଦିନ ବ୍ୟବହୃତ ଜିନିଷରେ ଜିଏସଟି କମିବା ଦ୍ୱାରା ସାଧାରଣ ଲୋକମାନେ ଲାଭବାନ ହେବେ । ଏହି ସଂସ୍କାର ଦ୍ୱାରା କୃଷି, ଶିକ୍ଷା, ଷ୍ଟାର୍ଟଅପ୍, ବ୍ୟାବସାୟ ଏବଂ ସ୍ୱାସ୍ଥ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ଲୋକମାନେ ବିଶେଷ ଭାବରେ ଲାଭ ପାଇବେ । ଏହାବ୍ୟତୀତ ଝାରସୁଗୁଡ଼ାରେ ବ୍ୟବସାୟ କ୍ଷେତ୍ରରେ ଥିବା ସମ୍ଭାବନା ଉପରେ ଚର୍ଚ୍ଚା କରିବା ସହ ଶିଶୁମାନଙ୍କୁ ପୋଷଣକୁ ଠିକ୍ କରିବା ପାଇଁ ଆଗେଇ ଆସିବା ପାଇଁ ଝାରସୁଗୁଡ଼ା ଚାମ୍ବର୍ସ ଅଫ କମର୍ସର ସଦସ୍ୟମାନଙ୍କୁ ସେ ଆହ୍ୱାନ କରିଛନ୍ତି ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଶୋଇଥିବା ସମୟରେ ମାରଣାସ୍ତ୍ରରେ ହାଣି ହତ୍ୟା



ପାଟଣା,୪/୧୦(ନି/ପ୍ର): ନିଜ ଘର ବାରଣ୍ଡାରେ ଶୋଇଥିବା ଅବସ୍ଥାରେ ମୁଣ୍ଡକୁ ହାଣି ହତ୍ୟା କରାଯାଇଛି । ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ଘଟଗାଁ ଥାନା ଅଚଂଳରେ ଚାଂଚଲ୍ୟ ସୃଷ୍ଟି କରିଛି । ମୃତକ ହେଲେ ୫୫ବର୍ଷୀୟ ଭଦ୍ର ମହାକୁଡ । ଖବରରୁ ପ୍ରକାଶ ଯେ ଘଟଗାଁ ଥାନା ଅଚଂଳ ଢେଙ୍କିକୋଟ ବିଟ ହାଉସ ଅନ୍ତର୍ଗତ ମେଦିନିପୁର ଗ୍ରାମର ଭଦ୍ର ମହାକୁଡ଼ ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ ଗତରାତି ୩ଟା ରୁ ୪ଟା ମଧ୍ୟରେ ଏହି ହତ୍ୟାକାଣ୍ଡ ଘଟିଥିଲା । ଖବର ପାଇ ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ କୁମାର ଜେନା,ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଙ୍କ ସହ ପୁଲିସ ଟିମ ଘଟଣା ସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛନ୍ତି । ଅଧିକ ତଦନ୍ତ ପାଇଁ ସାଇଟିଂଫିକ ଟିମ ଡକାଯାଇଛି । ସୂଚନାଯୋଗ୍ୟ ଯେ ଭଦ୍ରଙ୍କର ପୂର୍ବରୁ ପତ୍ନୀ ବିୟୋଗ ଘଟିଥିବା ବେଳେ ଝିଅ ବାହା ହୋଇ ସାରିଥିବା ଓ ପୁଅ ବାହାର ରାଜ୍ୟରେ ଚାକିରୀ କରୁଥିବାରୁ ସେ ଘରେ ଏକୁଟିଆ ରହିଥିଲେ । ସନ୍ଦେହରେ ପୁଲିସ ଜଣକୁ ଅଟକ ରଖି ଅନୁସନ୍ଧାନ ଜାରି ରଖିଛି ।

# କାର୍ -ବାଇକ୍ ଧକ୍କା : ୧ ମୃତ, ୧ ଗୁରୁତର

ଅନୁଗୋଳ,୪/୧୦(ନି/ପ୍ର): ଅନୁଗୋଳ ଜିଲ୍ଲା ଜରପଡା ଥାନା ତୁକୁଡା ଗାଁରେ ବାଇକ୍ ଏବଂ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଥିବା ସୂଚନା ମିଳିଛି । ସୂଚନା ମୁତାବକ ଜଜରପଡା ଥାନା ତୁକୁଡା ଗାଁର ବିରଚିଂ ସାହୁ ଙ୍କ ପୁଅ ରବି ସାହୁ (୩୫) ଏବଂ ମଙ୍ଗୁଲୁ ନାୟକଙ୍କ ପୁଅ ମନୋଜ ନାୟକ (୩୪) ଏକ ବାଇକ୍ ରେ ତୁକୁଡା ଗାଁ ହାଟଛକ ରୁ ଘରକୁ ଫେରୁଥିଲେ । ଏତିକିବେଳେ ସମ୍ବଲପୁର ଆଡୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ଜଣେ ଛିଟିକି ପଡ଼ିଥିଲେ ଏବଂ ଅନ୍ୟ ଜଣେ କାର ଛାତ ଉପରେ ପଡ଼ିଥିଲେ । ସ୍ଥାନୀୟ ଲୋକମାନେ ଉଭୟ ଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ଡାକ୍ତର ସେଠାରେ ରବି ସାହୁ ଙ୍କୁ ମୃତ ଘୋଷଣା କରିଥିଲେ । ମନୋଜଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଖବର ପାଇ ଘଟଣାସ୍ଥଳରେ ଜରପଡା ଥାନା ପୁଲିସ୍ ପହଚିଂ ଅଧିକ ତଦନ୍ତ ଆରମ୍ଭ କରିଛି ।

## ଟିକ୍ରାପଡ଼ା ଗାନ୍ଧୀ ପାଠାଗାରରେ ଗାନ୍ଧୀ ଜୟନ୍ତୀ ପାଳନ

ବଲାଙ୍ଗୀର,୪/୧୦(ନି/ପ୍ର):ସ୍ଥାନୀୟ ଟିକ୍ରାପଡ଼ା ଗାନ୍ଧୀ ପାଠାଗାରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ପ୍ରାତଃ ରାମଧୂନ ସହ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ଗାନ୍ଧୀ ପାଠାଗାର ସଭାପତି ପ୍ରକାଶ ନେପାକ, ସମ୍ପାଦକ ପ୍ରଦୀପ ସାହୁଙ୍କ ସହ ପାଠାଗାରର ବରିଷ୍ଠ ସଭ୍ୟ ସଭ୍ୟା ତଥା ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ଗାନ୍ଧିଜୀଙ୍କ ଅହିଂସା ନୀତିର ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ବିଶ୍ୱ ପାଇଁ ଜରୁରୀ ବୋଲି ଉପସ୍ଥିତ ବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ ।

# କେନ୍ଦୁଝରରେ ଜାତୀୟ ରକ୍ତଦାନ ଦିବସ



କେନ୍ଦୁଝର,୪/୧୦(ନି/ପ୍ର): ଅକ୍ଟୋବର ପହିଲା ରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜାତୀୟ ରକ୍ତଦାନ ଦିବସ ଆଡମ୍ବର ସହକାରେ ପାଳିତ ହୋଇଯାଇଛି , ଜିଲ୍ଲା ରକ୍ତକେନ୍ଦ୍ର ସଭାଗୃହ ରେ ଆୟୋଜିତ ସମାରୋହରେ ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ତଥା ରକ୍ତଦାତା ସଂଘ ସମ୍ପାଦକ ଶ୍ରୀ ଏ ଆର ଖାନ ଙ୍କ ସଭାପତିତ୍ୱ ରେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ମୁଖ୍ୟ ଅତିଥି ,ଡିପିଏମ ନିତ୍ୟରଞ୍ଜନ ବରାଳ ସମ୍ମାନିତ ଅତିଥି ,ଡାକ୍ତର ଲୋମାପଦ ନାୟକ ପ୍ରଫେସର କମନ ମେଡ଼ିସିନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ର ଆବଶ୍ୟକତା ଓ ଉପଦେୟତା ସମ୍ପର୍କରେ ଆଲୋକପାତ କରିବା ସହିତ ସାମ୍ପ୍ରତିକ ସମୟରେ ରକ୍ତ ର ଆବଶ୍ୟକତା ପୂରଣ ପାଇଁ ଯୁବଗୋଷ୍ଠୀ ଆଗୁଆ ସୈନିକ ଭାବେ କାମ କରିବାର ଅପରିହାର୍ଜତା ରହିଛି ,ଏବଂ ଆହୁରି ଜନସଚେତନତା ଜରୁରୀ ହୋଇ ପଡିଛି ବୋଲି ପ୍ରକାଶ କରିଥିଲେ ,ଏ ଅବସରରେ ଦଶଜଣ ନିୟମିତ ରକ୍ତଦାତା ଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅକ୍ଷୟ ସାହୁ ସମାରୋହ ପରିଚାଳନା କରିଥିବା ବେଳେ ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱେଚ୍ଛାସେବୀ ଗଣ ରକ୍ତଦାନ କରିଥିଲେ ।

# ଭୁଜାଲି ମାଡରେ ୨ ଭାଇ ଗୁରୁତର

ଅନୁଗୋଳ,୪/୧୦(ନି/ପ୍ର): ଅନୁଗୋଳ ସହରର ହରିମଉରୀ ଛକ ଠାରେ ଦୁଇ ଗୋଷ୍ଠୀ ଗଣ୍ଡଗୋଳ । ଗଣ୍ଡଗୋଳ ବେଳେ ଭୁଜାଲି ମାଡରେ ଦୁଇ ଭାଇ ଗୁରୁତର ହୋଇଛନ୍ତି । ଗୁରୁତର ଦୁଇ ଭାଇ ହେଲେ ସୌରଭ ବାସାକ ଏବଂ ସୌଭାଗ୍ୟ ବାସାକ । ଏମାନଙ୍କ ମଧ୍ୟରୁ ସୌଭାଗ୍ୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି । ତେବେ ଏହି ଗଣ୍ଡଗୋଳ ଏବଂ ଆକ୍ରମଣର କାରଣ ସ୍ୱଷ୍ଟ ହୋଇ ନଥିଲେ ମଧ୍ୟ ଆମ୍ବୁଲାନ୍ସ ଗାଡି ବେପାରକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ସନ୍ଦେହ କରାଯାଉଛି । ତେବେ ଏହି ଦୁଇଭାଇଙ୍କୁ ଆକ୍ରମଣ କରିଥିବା ଗୋଷ୍ଠୀଙ୍କ ମଧ୍ୟରୁ ଜଣେ ଯୁବକ ମଧ୍ୟ ଆହତ ହୋଇଥିବା ଜଣା ପଡ଼ିଛି । ଅନୁଗୋଳ ଟାଉନ ପୁଲିସ ପହଚିଂ ଘଟଣାର ତଦନ୍ତ ଆରମ୍ଭ କରିଛି ।



# ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଦିବସ ପାଳିତ



କେନ୍ଦୁଝର, ୪/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଏବଂ କେନ୍ଦୁଝରଠାରେ ପନ୍ଦର ଦିନ ଧରି ଚାଲିଥିବା ସ୍ୱଚ୍ଛତା ହିଁ ସେବା-୨୦୨୫ ଅଭିଯାନର ଉଦଯାପନୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ତେଲକୋଇ ଡକ୍ଟର ଫକୀର ମୋହନ ନାଏକ, କେନ୍ଦୁଝରଗଡ଼ ପୌରାଧକ୍ଷା ଶ୍ରୀମତୀ ନିକୁ ସାହୁ, ଜିଲ୍ଲା ପରିଷଦ, କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ଅତିରିକ୍ତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସାର୍ଥକ ରାୟ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ କୁମାର ନାଏକ, ଅନ୍ୟ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଉତ୍ସବରେ ସ୍ୱଚ୍ଛତା ସୂଚକାଙ୍କରେ ଶ୍ରେଷ୍ଠ ମନୋନୀତ ହୋଇଥିବା ୪ ଜଣ ବିଡିଓ, ୧୩ ଜଣ ଶ୍ରେଷ୍ଠ ସରପଚଂ (ପ୍ରତ୍ୟେକ ବ୍ଲକରୁ ଜଣେ), ସ୍ୱଚ୍ଛତା ମିତ୍ର ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସମେତ ତୃଣମୂଳ ସ୍ତରର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଏହି ବିଶେଷ ଅବସରରେ, ସ୍ୱଚ୍ଛତା ହିଁ ସେବା-୨୦୨୫ ସମୟରେ ସ୍ୱଚ୍ଛତା ଏବଂ ସାମୁଦାୟିକ ପ୍ରଚେଷ୍ଟା ଦ୍ୱାରା ଏହି ଅଭିଯାନକୁ ସଫଳ କରିବାରେ ଅଗ୍ରଣୀ ଭୂମିକା ନେଇଥିବା ବିଡିଓ ଯୋଡା,ସାହାରପଡ଼ା,ତେଲକୋଇ ଓ ପାଟଣାଙ୍କୁ ସେମାନଙ୍କ ଉଦାହରଣୀୟ ଅବଦାନକୁ ସ୍ୱୀକୃତି ଦେବା ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା । ସେହିପରି ଜିଲ୍ଲାର ୧୩ଟି ଗ୍ରାମ ପଚାଂୟତ ଓ ୧୩ ଜଣ ସ୍ୱଚ୍ଛତା ମିତ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଗୋବିନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏକ ସ୍ୱଚ୍ଛ ସ୍କୁଲ କ୍ୟାମ୍ପସ ବଜାୟ ରଖିବା, ସ୍ୱଚ୍ଛତା ଅଭିଯାନ, ସ୍ୱଚ୍ଛତା ରାଲି, ଜନସଚେତନତା ଅଭିଯାନ, ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆୟୋଜନ ଏବଂ ସ୍ୱଚ୍ଛତା ହିଁ ସେବା-୨୦୨୫ ଅନ୍ତର୍ଗତ ସକ୍ରିୟ ଗଣମାଧ୍ୟମ କଭରେଜ୍ ସୁନିଶ୍ଚିତ କରିବାରେ ତାଙ୍କ ନେତୃତ୍ୱ ପାଇଁ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରାତଃ କାଳରେ ସହରରେ ରାମଧୂନ, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସେହିଭଳି ଦରବାର ହଲରେ ଗାନ୍ଧୀ ଜୀଙ୍କ ପ୍ରିୟ ଭଜନ ପରିବେଷଣ ହୋଇଥିଲା ଏବଂ ସର୍ବଧର୍ମ ପ୍ରାର୍ଥନା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଡିଏସସି, ଅସିତ କୁମାର ପାତ୍ର, ଶୁଭାଶିଷ ମଲ୍ଲିକ ଏବଂ ସଞ୍ଜୟ ଖିଲାର ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଥିଲେ ।

# ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ, ୫୧ ୟୁନିଟ୍ ସଂଗୃହୀତ

କୋରାଇ, ୪/୧୦(ନି/ପ୍ର): ପବିତ୍ର ଦଶହରା ଏବଂ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରକ୍ତଦାତା ପରିବାର, ଛୋଟରାୟପୁର ପକ୍ଷରୁ ଥାଲାସେମିଆ ପିଲାଙ୍କ ଉଦ୍ଦେଶ୍ୟରେ କୋରେଇ ବ୍ଲକ୍ ଜହ୍ନା ପଂଚାୟତ ଛୋଟରାୟପୁର ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରୁ ମୋଟ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନ୍‌ର ସଭାପତି ତଥା ବରିଷ୍ଠ ଆଇନ୍‌ଜୀବୀ ବିବେକାନନ୍ଦ ମହାନ୍ତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶଙ୍ଖଚିଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ନିବେଦିତା ମହାନ୍ତି, ଛୋଟରାୟପୁର ଗ୍ରାମମୁଖ୍ୟ କେଶବ ଚନ୍ଦ୍ର ମଙ୍ଗରାଜ, କୋରେଇ କାହ୍ନୁଚରଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମୋହନ ଚରଣ ଖୁଂଟିଆ, ସମାଜସେବୀ ଶରତ ଚନ୍ଦ୍ର ଦାଶ, ଅକ୍ଷୟ କୁମାର ଚାନ୍ଦ, ଯୁବ ସମାଜସେବୀ ପ୍ରମୋଦ କୁମାର ଖୁଂଟିଆ, ବଳରାମ ଜେନା, ଶିକ୍ଷାବିତ୍ ଜ୍ୟୋତିପ୍ରକାଶ ପଣ୍ଡା ଏବଂ ସିପିଆଇ ନେତା ଆଲୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସିଆର୍‌ସିସି ବିଦ୍ୟାଧର ପାଢ଼ୀ, ଯୁବନେତା ସ୍ମୃତିରଞ୍ଜନ ପତ୍ରି, ରମେଶ ସାହୁ, ସୁଦାମ ଚରଣ ଦାସ, ହରେକୃଷ୍ଣ ରଥ, କ୍ଲବ୍ ଦି ୟୁଥ୍ ମାସ୍‌ର ସଭାପତି ପ୍ରକାଶ କୁମାର ଜେନା, ସମ୍ପାଦକ ରାଜେଶ କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ତଥା ଅଶୋକ ଦାସ ଫାଉଣ୍ଡେସନ୍‌ର କୋରେଇ ସଂଯୋଜକ ସୁବାସ ଚନ୍ଦ୍ର ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ କ୍ଲବ୍‌ର ସଭାପତି ଆଦିତ୍ୟ ନାରାୟଣ ଖୁଂଟିଆ, ପରାମର୍ଶଦାତା ରଘୁନାଥ ପାତ୍ର, ଉପସଭାପତି ମହାପ୍ରସାଦ ପଣ୍ଡା, ଗୋପୀନାଥ ପଣ୍ଡା, ସତ୍ୟପ୍ରକାଶ ଦାଶ, ରଞ୍ଜିତ ବେହେରା, ଅମୀୟ ଖୁଂଟିଆ, ତପନ ପାତ୍ର, ଆକାଶ ବେହେରା, ବାଇନ ବେହେରା, ବାସୁଦେବ ନାୟକ, ସନ୍ଦିପ ସାହୁ, ମହେନ୍ଦ୍ର ସାହୁ, ଅମର ପରମାଣିକ, ଓମ୍‌ପ୍ରକାଶ ଦାସ, ଶନିଦେବ ମଲିକ, ସୌମ୍ୟ ବାରିକ, ପ୍ରଶାନ୍ତ ଘଡ଼େଇ, ନରେନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ସଞ୍ଜୀବ ସାହୁ, ପ୍ରଶାନ୍ତ ଓଝା, ରାମଚନ୍ଦ୍ର ଶିଅଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଯାଜପୁରରୋଡ଼ ରକ୍ତକେନ୍ଦ୍ର ପକ୍ଷରୁ ଡାକ୍ତର ଗୌତମ ସାହୁ, ଏଲ୍‌ଟି ସମ୍ବିତ କୁମାର ମଲ୍ଲିକ, ସଂଗ୍ରାମ କେଶରୀ ନାୟକ ଏବଂ ନିରଞ୍ଜନ ଜେନା ରକ୍ତ ସଂଗ୍ରହ କରିଥିଲେ । ସାମ୍ବାଦିକ ବିରଂଚି ନାରାୟଣ ଖୁଂଟିଆ ଶିବିର ପରିଚାଳନା କରିଥିଲେ ।

# ଶୁଣିଲାନି ପ୍ରଶାସନ : ନିଜେ ରାସ୍ତା ମରାମତି କଲେ ଗାଁ ଲୋକ

ଚମ୍ପୁଆ,୪/୧୦(ନି/ପ୍ର):ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ପଡୁଆ - ମଙ୍ଗଳପୁର ମଝିରେ ଥିବା ବାଘଡ଼ିଆଁ ନାଳ ପୋଲ ରାସ୍ତା ଦୀର୍ଘ ଦିନ ଧରି ଖାଲ ଖମା ହୋଇ ଲୋକଙ୍କ ଯିବା ଆସିବା ପାଇଁ ମରଣଯନ୍ତା ପାଲଟି ଥିଲେ ମଧ୍ୟ ଏଥିପ୍ରତି ବିଭାଗ ଦୃଷ୍ଟି ନ ଦେବାରୁ ଶେଷରେ ଗାଁ ଲୋକେ ନିଜେ ଏହି ରାସ୍ତା ମରାମତି କରିଥିବା ଜଣାପଡିଛି । ଚମ୍ପୁଆ ବ୍ଲକ ର ଜାଲି, ଭୂଇଁପୁର, ଓ ପଡୁଆ ତିନି ପଂଚାୟତର ଲୋକେ ପ୍ରତିଦିନ ଭଣ୍ଡା ଗ୍ରାମ୍ୟ ବ୍ୟାଙ୍କ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏହି ଗୋଟିଏ ରାସ୍ତା ଉପରେ ନିର୍ଭର କରିଥାନ୍ତି । ପ୍ରାୟ ଦୀର୍ଘ ତିରିଶି ବର୍ଷ ପୂର୍ବେ ନିର୍ମିତ ଏହି ବାଘଡ଼ିଆଁ ନାଳ ପୋଲ ରାସ୍ତା ମରାମତି ଅଭାବରୁ ଦୁର୍ବଳ ଅବସ୍ଥାରେ ରହିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ପ୍ରତି ବର୍ଷ କିଛି ସ୍ଥାନୀୟ ଯୁବକ ମାଟି ପକାଇ ରାସ୍ତାକୁ ସମତୁଲ କରିଥାନ୍ତି । ଏବେ ପୋଲର ଦୁଇ କଡ଼ ରାସ୍ତା ଲଗାଣ ବର୍ଷାରେ ଧୋଇ ଖାଲ ହୋଇଯିବା ପରେ ରାସ୍ତାରେ ଯିବା ଆସିବା କରିବା କଷ୍ଟ ସାଧ୍ୟ ହୋଇପଡିଥିଲା । ଫଳରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ମାନଙ୍କୁ ନେଇ ଯିବାପାଇଁ ସିଲିପୁଞ୍ଜି ରାସ୍ତା ଦେଇ ପ୍ରାୟ ୧୦ ରୁ ୨୦ କି.ମି. ରାସ୍ତା ବୁଲି ଯିବାକୁ ପଡୁଥିଲା । ଯାହା ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କ ପାଇଁ ଜୀବନ ମରଣ ବିପଦ ସୃଷ୍ଟି କରୁଥିବାରୁ ବାଧହୋଇ ଶେଷରେ ଉଭୟ ପଡୁଆ ଓ ମଙ୍ଗଳପୁର ଗାଁ ଲୋକ ମିଶି ନିଜେ ହିଁ ଉକ୍ତ ରାସ୍ତା ମରାମତି କରିଛନ୍ତି । ପଡୁଆ ସରପଂଚ ମନୋଜ ନାଏକ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡିଛି । ବର୍ତମାନ ସାରା ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଡବଲ ବିକାଶ ନେଇ ହଇଚଇ ସୃଷ୍ଟି କରୁଥିବା ବେଳେ ତୃଣମୂଳ ସ୍ତରରେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ଏପରି ସମସ୍ୟା ଗୁଡିକରେ ସୁଧାର ଆସୁନାହିଁ ବୋଲି ଅଂଚଳ ବାସୀ ପ୍ରକାଶ କରିଛନ୍ତି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ରାତିଅଧରେ ଗାଁରେ ପଶିଲା ଗୋଠଛଡ଼ା ଦନ୍ତା, ଭାଙ୍ଗିଲା ଘର



ବୈଶିଙ୍ଗା,୪/୧୦(ନି/ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜରେ ହାତୀ ଉପଦ୍ରବ ଥମିବାର ନା ଧରୁନିକ୍ଷ ପୁଣି ଗୁରୁବାର ବିଳମ୍ବିତ ରାତିରେ ଏକ ବଣୁଆ ଗୋଠ ଛଡ଼ା ଦନ୍ତାହାତୀ ଖାଦ୍ୟ ଅନ୍ୱେଷଣରେ ପଶି ଆସି ବୈଶିଙ୍ଗା ଥାନା ଅଧୀନ ସଇତପୁର ପଚାଂୟତର କୁରାଢ଼ୀକ ଗ୍ରାମରେ ଘର ଭାଙ୍ଗିଦେବା ସହିତ ବ୍ୟାପକ ଧାନଚାଉଳ ଖାଇ ନଷ୍ଟ କରିପକାଇଛିକ୍ଷ ଉକ୍ତ ଗ୍ରାମର ଦୀନବନ୍ଧୁ ମହାନ୍ତଙ୍କ ଘର ଭାଙ୍ଗିବା ସହିତ ଘରେ ଗଛିତ ଥିବା ଧାନ, ଚାଉଳ ମଧ୍ୟ ଖାଇଯାଇଛି । ତେବେ ଦୀନବନ୍ଧୁ ନିଜ ବୁଢ଼ୀ ମାଆ, ସ୍ତ୍ରୀ ଓ ୭ବର୍ଷର ପୁଅକୁ ନେଇ ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୧ଟା ସମୟରେ ଗାଁରେ ପଶି ତାଙ୍କ ଘର ଭାଙ୍ଗିଥିଲା । ତେବେ ଘର ଭିତରେ ଶୋଇଥିବା ତାଙ୍କ ପରିବାର ହାତୀ ଆସିବା ଶବ୍ଦ ଶୁଣି ଭୟଭୀତ ହୋଇ ଘରୁ ବାହାରି ଦୌଡ଼ି ପଳାଇ ଯାଇ ନିଜ ଜୀବନ ବଚାଂଇଥିଲେ । ତେବେ ଖବର ପାଇ ଗତକାଲି ରାତିରେ ବନବିଭାଗ ପକ୍ଷରୁ ଗଜସାଥୀ ସଚ୍ଚିଦାନନ୍ଦ ମହାନ୍ତ ଓ ସ୍ଥାନୀୟ ଲୋକ ହାତୀକୁ ଗାଁରୁ ଘୋଉଡ଼ାଇବା ସହିତ ତା ଉପରେ ସମ୍ପୂର୍ଣ ନଜର ରଖି କେମିତି ଆଉ ଅଧିକ ଧନଜୀବନ ନଷ୍ଟ ନହେବ ସେଥିପ୍ରତି ସଜାଗ ରହିଥିଲେକ୍ଷ ତେବେ କୁରାଢ଼ିକ ଅଚଂଳରେ ଚଳିତବର୍ଷ ବାରମ୍ବାର ହାତୀ ଘର ଭାଙ୍ଗିବା ସହିତ ବ୍ୟାପକ କ୍ଷୟକ୍ଷତି ଗରିବ ଦିନମଜୁରିଆଙ୍କ ଆର୍ଥିକ ସ୍ଥିତିକୁ ସମ୍ପୂର୍ଣ ଦୋହଲାଇ ଦେଇଛି ।

# ଦୁର୍ଗାପୂଜା ଅବସରରେ ଧାମନଗର କଲେଜର ଏନଏସଏସ ସ୍ପେଶାଲ କ୍ୟାମ୍ପ ଉଦଘାଟିତ

ଭଦ୍ରକ,୪/୧୦(ନି/ପ୍ର): ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟର +୩ ଜାତୀୟ ସେବା ଯୋଜନା ଏନଏସଏସ ୟୁନିଟ୍ ଦ୍ୱାରା ଆୟୋଜିତ ସାତଦିନିଆ ଦୁର୍ଗାପୂଜା ସ୍ପେଶାଲ କ୍ୟାମ୍ପ ରବିବାର ପୋଷ୍ୟଗ୍ରାମ ନନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଛି । ଉଦଘାଟନୀ ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜ ସଭାପତିତ୍ୱ କରି "ଛାତ୍ରଜୀବନରେ ସେବା, ପରୋପକାର ଓ ସମାଜସେବା ହେଉଛି ଜୀବନର ଅବିଚ୍ଛିନ୍ନ ଅଂଶ ଏନଏସଏସ ଏହି ମୂଲ୍ୟବୋଧକୁ ପ୍ରାଣବନ୍ତ କରିଥାଏ । ସ୍ଥାନୀୟ ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ ପ୍ରିୟରଞ୍ଜନ ସାମଲ ଏନଏସଏସ ର ଉତ୍ପତି, ଇତିହାସ ଓ ଛାତ୍ରଜୀବନରେ ଏହାର ଭୂମିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ୱାର୍ଡ ମେମ୍ବର ବାସନ୍ତୀ ବେହେରା, ବରିଷ୍ଠ ନାଗରିକ ଧନେଶ୍ୱର ନାଏକ, ମହାବିଦ୍ୟାଳୟର ଅଧ୍ୟାପକ ଚିନ୍ମୟ ଜେନା, ଅଧ୍ୟାପିକା ଗୀତାଞ୍ଜଳି ଦେବତା, କର୍ମଚାରୀ ଜିଜ୍ଞାସୁ ଦାଶ ଓ ଅବସରପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ବେହେରା ମଧ୍ୟ ସଭାକୁ ସମ୍ବୋଧିତ କରି "ସେବା ହିଁ ପରମ ଧର୍ମ ବୋଲି ଉଲ୍ଲେଖ କରିଥିଲେ । ପ୍ରୋଗ୍ରାମ ଅଫିସର ଡ. ମନୋଜ କୁମାର କର ଏନଏସଏସ ସ୍ୱେଚ୍ଛାସେବୀ ହେବାର ସୁଫଳ, ସମାଜ ସେବା ମାଧ୍ୟମରେ ବ୍ୟକ୍ତିଗତ ଉନ୍ନତି ଓ ଦାୟିତ୍ୱବୋଧ ବୃଦ୍ଧି ବିଷୟରେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ ।ଶିବିରର ପ୍ରଥମ ଦିନରେ ୪୬ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗଦାନ କରିଥିଲେ । ପୂର୍ବତନ ସ୍ୱେଚ୍ଛାସେବୀ ଭାଗିରଥି ମାଝୀ ଓ ଅନ୍ୟମାନଙ୍କର ସହଭାଗୀତା ଶିବିରକୁ ଆଉ ଉତ୍ସାହିତ କରିଥିଲା ।ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ସମୁଦାୟଭାବେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପକ ଚିନ୍ମୟ ଜେନା ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ ।

# ବିଜେପି ତରଫରୁ ମିଶ୍ରଣ ପର୍ବ ଅନୁଷ୍ଠିତ

ମାଲକାନଗିରି, ୪/୧୦(ନି/ପ୍ର):ମାଲକାନଗିରି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆଜି ବିଜେପି ତରଫରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗ ପୁର ସାଂସଦ ବଳଭଦ୍ର ମାଝି,ବିଧାୟକ ନରସିଂହ ମାଡକାମୀ ଜିଲ୍ଲା ବିଜେପି ସଭାପତି ଅଶୋକ ପରିଡ଼ା, ପୂର୍ବତନ ବିଧାୟକ ଡମ୍ବରୁ ଶିଶା ପ୍ରମୁଖ ଉପସ୍ଥିତ ଥିଲେ । ବିଜେଡିର ଟାଣୁଆ ନେତା ମାନେ ଆଜି ବିଜେଡି ଛାଡି ବିଜେପି ମୁହାଁ ହୋଇଛନ୍ତି । ଜିଲ୍ଲାରେ ବିଜେଡ଼ିର ସ୍ଥିତି ଠିକ ନଥିବା ଦେଖି ବିଜେପି ପଟେ ଢଳିଛନ୍ତି ।

ଉତ୍କଳ ସମାଚାର

## ସମ୍ପାଦକୀୟ...
## ରବିବାର ୫ ଅକ୍ଟୋବର ୨୦୨୫

# ଯମୁନାର ମାଟି

ଦାରିଦ୍ର୍ୟ ଦୂରୀକରଣରେ ଚମକପ୍ରଦ ସଫଳତା ହାସଲ କରିଛି ବୋଲି ଭାରତ କରୁଥିବା ଦାବି ଶେଷରେ ସେଇ ଯମୁନା ମାଟିରେ ପୋତି ହୋଇ ସମାଧି ଲାଭ କରିବ; କାରଣ ଦାରିଦ୍ର୍ୟ ସୀମା ଉପରକୁ ମୁଣ୍ଡ ଟେକିଥିବା ଅନେକ ପରିବାର ବ୍ୟାଧିଜନିତ ବ୍ୟୟ ବୋଝ ସମ୍ଭାଳି ନ ପାରି ପୁଣି ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ପଡ଼ିବେ। ସର୍ବୋପରି କେ ?ଣସି ସଭ୍ୟ ସମାଜରେ ମନୁଷ୍ୟର ଜୀବନ ସହିତ ଖେଳି ବ୍ୟବସାୟ କରୁଥିବା ନକଲି ଔଷଧର ଉପସ୍ଥିତି ଆଦେ ? ଗ୍ରହଣୀୟ ନୁହେଁ। ଗତ ସପ୍ତାହରେ ଦେଶର ବିଭିନ୍ନ ଗଣମାଧ୍ୟମମାନଙ୍କରେ ବ୍ୟାପକ ଭାବରେ ପ୍ରସାରିତ ସୂଚନା ଅନୁସାରେ ଆମ ଦେଶରେ ବିଭିନ୍ନ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବା ଆଶାରେ ଅଧିକାଂଶ ଲୋକମାନେ ଯେଉଁ ଔଷଧପତ୍ର ସେବନ କରିଥାନ୍ତି, ତାହା ହେଉଛି ପ୍ରକୃତରେ ଯମୁନାର ମାଟି। ମନୋଜ ଦାସଙ୍କର ସୁପରିଚିତ କାହାଣୀ 'ଯମୁନାର ମାଟି'ରେ ବିଶିଷ୍ଟ ହେତୁବାଦୀ ଓକିଲ ଜଗଦୀଶ ବର୍ମା ତାଙ୍କର ବ୍ୟାବସାୟିକ କାର୍ଯ୍ୟରେ ମଥୁରା ଯାଇଥିବା ବେଳେ ଧର୍ମପରାୟଣା ବିଧବା ବୃଦ୍ଧା ଚମ୍ପାବତୀ ଦେବୀଙ୍କ ଅନୁରୋଧ ରକ୍ଷା କରି ତାଙ୍କ ପାଇଁ ଯମୁନା ନଦୀର ମାଟିର ଏକ ପୁଡ଼ିଆ ଆଣିଦେଇଥିଲେ। କିନ୍ତୁ ସତକଥା ହେଲା କର୍ମବ୍ୟସ୍ତତାରେ ବର୍ମା ସାହେବ ଚମ୍ପାବତୀ ଦେବୀଙ୍କ ଅନୁରୋଧ ବିଷୟରେ ଭୁଲିଯାଇ ଯମୁନା ମାଟି ବଦଳରେ ଯେଉଁ ମାଟି ଆଣି ତାଙ୍କୁ ଦେଇଥିଲେ, ତାହା ଥିଲା ମଥୁରା ଷ୍ଟେସନ୍‌ରେ ପହଂଚିବା ପରେ ଚମ୍ପାବତୀ ଦେବୀଙ୍କ ଅନୁରୋଧ ମନେ ପଡ଼ିବା ପରେ ବର୍ମା ସାହେବ ଷ୍ଟେସନ୍ ପୋଲ ତଳୁ ସଂଗ୍ରହ କରିଥିବା ପୁଳାଏ ମାଟି ମାତ୍ର। ଚମ୍ପାବତୀ ଦେବୀ କିନ୍ତୁ ନିଜର ଗଭୀର ବିଶ୍ୱାସରେ ତାହାକୁ ଯମୁନାର ପବିତ୍ର ମାଟି ମନେ କରି ଏକ ହାତୀଦାନ୍ତ ବାକ୍ସରେ ସାଇତି ରଖିଲେ। ଘଟଣାକ୍ରମରେ ଚମ୍ପାବତୀଙ୍କର ଡାକ୍ତର ନାତି ଜଗଦୀଶ ବର୍ମାଙ୍କ କନ୍ୟାକୁ ବିବାହ କରିଛନ୍ତି ଓ ଚମ୍ପାବତୀ ଦେବୀଙ୍କର ପରଲୋକ ଗମନ ଘଟିଛି। ମୃତ୍ୟୁ ପୂର୍ବରୁ ଚମ୍ପାବତୀ ଦେବୀ ସେ ହାତୀଦାନ୍ତ ବାକ୍ସଟିକୁ ନାତିକୁ ଦେଇ ଯାଇଥାନ୍ତି ଓ ସେ ପବିତ୍ର ମାଟିର ଅଲୌକିକ ଆରୋଗ୍ୟକାରୀ ଗୁଣ ବିଷୟରେ ଡାକ୍ତର ନାତିକୁ ଅବଗତ କରାଇଥାନ୍ତି। ଏକ ସମୟରେ ବର୍ମା ଯେତେବେଳେ ଦୁରାରୋଗ୍ୟ ବ୍ୟାଧିରେ ପଡ଼ନ୍ତି ଓ ତାଙ୍କର ଶେଷ ସମୟ ଉପସ୍ଥିତ ବୋଲି ସମସ୍ତ ପ୍ରକାର ଔଷଧପତ୍ର ପ୍ରୟୋଗ କରି ବିଫଳ ହୋଇସାରିଥିବା ଡାକ୍ତର ଜ୍ୱାଇଁ ଅନୁଭବ କରନ୍ତି, ସେତିକିବେଳେ ତାଙ୍କର ମନେ ପଡ଼ିଯାଏ ତାଙ୍କୁ ଜେଜେମା' ଦେଇଥିବା ସେଇ ରହସ୍ୟମୟ ମହୌଷଧୀ ଥିବା ହାତୀଦାନ୍ତ ବାକ୍ସ କଥା। ଡାକ୍ତର ସେଇ ମାଟି ଗୋଳା ହୋଇଥିବା ପାଣି ଶ୍ୱଶୁରଙ୍କୁ ପିଆଇଦେବା ପରେ ବର୍ମା ସାହେବ ମୃତ୍ୟୁମୁଖରୁ ମୁକୁଳି ଆସି ସୁସ୍ଥ ହୋଇଗଲେ। ବର୍ମା କିମ୍ବା ତାଙ୍କ ଡାକ୍ତର ଜ୍ୱାଇଁ, କାହାକୁ ହେଲେ ସେ ବୋତଲରେ ଥିବା ମହେ ?ଷଧୀର ଅସଲ ଚରିତ୍ର ବିଷୟରେ ଜଣା ନ ଥିଲା ଏବଂ ବର୍ମା ସାହେବଙ୍କୁ ସେ ମାଟି ବିଷୟରେ କେବେହେଲେ କିଛି ନ କହିବା ପାଇଁ ଏ ସମସ୍ତ ଘଟଣା ସମ୍ବନ୍ଧରେ ପ୍ରତ୍ୟକ୍ଷ ଭାବରେ ଅବଗତ ଥିବା ବର୍ମାଙ୍କ ସହକର୍ମୀ ଶେଖରବାବୁ ବର୍ମାଙ୍କ ଜ୍ୱାଇଁଙ୍କୁ ପ୍ରତିଶ୍ରୁତିବଦ୍ଧ କରାଇଥିଲେ। ଉପରେ ଯେଉଁ ଖବର ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି, ତାହା ଅନୁସାରେ ଦେଶର କେତେକ ରାଜ୍ୟରେ ସରକାରୀ ଡାକ୍ତରଖାନାମାନଙ୍କରେ ରୋଗୀମାନଙ୍କୁ ଦିଆଯାଉଥିବା ଆଟିଂବାୟୋଟିକ୍ ସମେତ ଅନ୍ୟାନ୍ୟ ଅନେକ ଔଷଧମାନଙ୍କରେ ଯେଉଁ ଉପାଦାନ ଉପସ୍ଥିତ ଥିବା ଜଣାପଡ଼ିଛି, ତାହା ହେଉଛି କେବଳ ଟାଲ୍‌କମ୍ ପାଉଡର୍ ଓ ଷ୍ଟାର୍ଚ୍ଚ, ଯାହାର ମଥୁରା ଷ୍ଟେସନ୍‌ର ପୋଲ ତଳର ମାଟି ଭଳି କୌଣସି ବିଜ୍ଞାନସମ୍ମତ ଔଷଧୀୟ ଗୁଣ ନାହିଁ। ସେ ନକଲି ଔଷଧ ବ୍ୟବହାର କରି ଯେଉଁ ରୋଗୀମାନେ ଆରୋଗ୍ୟଲାଭ କରୁଥିବେ, ତାହା କେବଳ ସେମାନଙ୍କର ସେ ଔଷଧ ଉପରେ ବିଶ୍ୱାସ ଯୋଗୁଁ ନିଜ ଶରୀରରେ ସୃଷ୍ଟି ହେଉଥିବା ଆରୋଗ୍ୟକାରୀ ପ୍ରକ୍ରିୟା ଯୋଗୁଁ ଘଟିଥାଏ, ଚିକିତ୍ସା ବିଜ୍ଞାନରେ ଯାହା ପ୍ଲାସେବୋ ପ୍ରଭାବ ରୂପେ ଜଣାଶୁଣା। ଗୁଣିଗାରେଡ଼ିରୁ ଆରମ୍ଭ କରି ଅନେକ ବିକଳ୍ପ ଚିକିତ୍ସା ପ୍ରଣାଳୀ ଏହି ପ୍ଲାସେବୋ ପ୍ରଭାବ ଉପରେ ପ୍ରତିଷ୍ଠିତ ହୋଇଥାନ୍ତି। ଏହି ଖବର ଜାଣିବା ପରେ ହୁଏତ ଅନେକ ଲୋକ ଆଶ୍ୱସ୍ତ ବୋଧ କରିଥିବେ ଯେ ସେମାନେ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାକୁ ଯାଆନ୍ତି ନାହିଁ କିମ୍ବା ସେଠାରେ ଦିଆଯାଉଥିବା ଔଷଧ ବ୍ୟବହାର କରନ୍ତି ନାହିଁ। ଏମାନେ ସାଧାରଣତଃ ସମାଜର ସ୍ୱଚ୍ଛଳ ବର୍ଗର ସଦସ୍ୟ ହୋଇଥାନ୍ତି, ଯେଉଁମାନେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥାନ୍ତି ଏବଂ ଶସ୍ତା ଜେନେରିକ୍ ଔଷଧ ପରିବର୍ତ୍ତେ ବ୍ୟୟବହୁଳ ବ୍ରାଣ୍ଡେଡ୍ ଔଷଧ କ୍ରୟ କରି ବ୍ୟବହାର କରିଥାନ୍ତି। କିନ୍ତୁ ଏଇ ସମୟରେ ପ୍ରକାଶିତ ଅନ୍ୟ ଏକ ଖବର ସେମାନଙ୍କର ଏହି ସୁରକ୍ଷିତ ଭାବକୁ ଧ୍ୱଂସ କରି ସେମାନଙ୍କ ଠାରେ ମଧ୍ୟ ଘୋର ଆତଙ୍କ ସୃଷ୍ଟି କରିଥିବ। ଏହି ଖବର ଅନୁସାରେ ଔଷଧପତ୍ରର ମାନ ନିୟନ୍ତ୍ରଣକାରୀ ସଂସ୍ଥା 'ସେଟ୍ରାଂଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଟ୍ରୋଂଲ୍ ଅର୍ଗାନାଇଜେସନ୍' ('ସିଡିଏସ୍‌ସିଓ') ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ବଜାରରେ ମିଳୁଥିବା ୫୦ଟି ବହୁଳ ବ୍ୟବହୃତ ପ୍ରମୁଖ ବ୍ରାଣ୍ଡେଡ୍ ଔଷଧମାନ ହେଉଛନ୍ତି ନିମ୍ନମାନର। ଏହି ନିମ୍ନମାନର ଔଷଧମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି ଛାମୁଆ ଆଟିଂବାୟୋଟିକ୍‌ସ, ଆଟାଂସିଡ୍‌ସ, ଜ୍ୱର ଉପଶମକାରୀ ଆଟିଂପାଇରେଟିକ୍‌ସ ଓ ଉଚ୍ଚ ରକ୍ତଚାପ ହ୍ରାସକାରୀ ଆଟିଂହାଇପରଟେନ୍‌ସିଭ୍‌ସ ଆଦି। ସର୍ବେକ୍ଷଣରେ ଉଲ୍ଲେଖ କରାଯାଇଥିବା ଏହି ନିମ୍ନମାନର କେତେକ ଔଷଧର ନିର୍ମାତା ପୁଣି ହେଉଛନ୍ତି କେତେକ ସୁପ୍ରତିଷ୍ଠିତ ଔଷଧ କଂପାନି, ଯେଉଁମାନେ ଉପଭୋକ୍ତାମାନଙ୍କର ଅଖଣ୍ଡ ବିଶ୍ୱାସ ଉପଭୋଗ କରିଆସିଛନ୍ତି- ଆଲ୍‌କେମ୍, ହିନ୍ଦୁସ୍ତାନ ଆଟିଂବାୟୋଟିକ୍‌ସ, ଟରେଟଂ ଆଦି। ଘୋର ଚିନ୍ତାର ବିଷୟ ହେଲା ଏହା ଯେ, ସର୍ବେକ୍ଷଣରେ ନିମ୍ନମାନର ବୋଲି ଚିହ୍ନଟ ହୋଇଥିବା ଔଷଧମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି ବଜାରରେ ସର୍ବାଧିକ ବିକ୍ରୟ ହେଉଥିବା ସେଇ ଶ୍ରେଣୀର ଔଷଧ। ଊଣାଅଧିକେ ଏ ସମସ୍ତ ଔଷଧ ହେଉଛନ୍ତି ମନୋଜ ଦାସଙ୍କ କାହାଣୀର ସେଇ ଯମୁନା ମାଟି ଭଳି। ଅର୍ଥାତ୍ ଏ ଔଷଧମାନଙ୍କର ଫଳପ୍ରଦତା ନିର୍ଭର କରିଥାଏ ପ୍ଲାସେବୋ ପ୍ରଭାବ ଉପରେ। ପ୍ଲାସେବୋ ପ୍ରଭାବର ସମସ୍ୟା କିନ୍ତୁ ହେଲା ଏହାର ଫଳପ୍ରଦତା ଅତ୍ୟନ୍ତ ସୀମିତ ହୋଇଥିବାବେଳେ ଅଧିକାଂଶ ଉପଭୋକ୍ତାଙ୍କ ପାଇଁ ଏହା ପ୍ରଭାବହୀନ ହୋଇଥାଏ। ଭାରତର ଚିକିତ୍ସା

# ଚିନ୍ମୟ ଚେତନା :ଏକ ଦୁଃସାଧ୍ୟ ପ୍ରକ୍ରିୟା



ଓଡ଼ିଶାରେ ଗଣତି କାମଟିର ବଡ଼ ଖାତିର। ସବୁବେଳେ କିଛି ନା କିଛି ଗଣତି କାମରେ ଆମେ ବ୍ୟସ୍ତ ଥାଉ। ଜନ ଗଣନା ଆଉ ଭୋଟ ଗଣନା ତ ପୁରୁଣା ହେଲେଣି, ଏବେ ନାନା ନୂଆ ବିଷୟ ଗଣତିର ପରିସରକୁ ଆସିଛନ୍ତି। ହାତୀ ଗଣତି, ବାଘ ଗଣତି, କୁମ୍ଭୀର ଗଣତି, ଏ ସବୁ କଥା ଆଗରୁ କିଏ ଶୁଣିଥିଲା ଭଲା ? ଏବେ ଫି ବର୍ଷ ଚିଲିକା ଓ ଭିତରକନିକାରେ ସ୍ଥାନୀୟ ପକ୍ଷୀ ଓ ବିଦେଶରୁ ଆସିଥିବା ଅତିଥି ପକ୍ଷୀଙ୍କର ମୁଣ୍ଡ ଗଣତି ବି ହେଉଛି। ସେମିତି ବିଦେଶୀ କଇଁଛ ଆଉ ତାଙ୍କ ଅଣ୍ଡାର ଗଣତି ମଧ୍ୟ। ପୁଣି ଶାଗୁଣାଙ୍କ ଗଣତି କଥା ମଧ୍ୟ କାନ ଶୁଣିଲା। ଅବଶ୍ୟ, ଶାଗୁଣା ଗଣତି ବାଲାଙ୍କୁ କିଛି ମେହନତ କରିବାକୁ ପଡ଼ିଲା ନାହିଁ, କାରଣ ଓଡ଼ିଶାରେ ଶାଗୁଣା ସଂଖ୍ୟା ଶୂନ, ଯାହା ଅଛନ୍ତି ସବୁ ନନ୍ଦନକାନନର କୃତ୍ରିମ ପ୍ରଜନନ କେନ୍ଦ୍ରରେ। ଏଇ ନୂଆ-ପୁରୁଣା କିସମର ଗଣତି ସବୁକୁ କିନ୍ତୁ ପଛରେ ପକାଇଦେଲା ଆମ ବଡ଼ ଠାକୁରଙ୍କ ରତ୍ନ ଓ ଅଳଙ୍କାର ଗଣନା କଥା। କେଳେଙ୍କାରିଟି ଅନେକ ବର୍ଷ ଧରି ଦୋଷ ଦିଆନିଆ, ଗୁଜବ ପ୍ରଚାର ଆଉ ଟଣାଘୋଷରା ଭିତର ଦେଇ ଚାଲିଲା। ଶେଷକୁ ତ ରତ୍ନଭଣ୍ଡାରର ଚାବି ରାଜ୍ୟ ବାହାରକୁ ଚାଲିଗଲାଣି ବୋଲି ରାଜନୀତିର ମୁଖିଆମାନେ ଖୋଲାରେ ଘୋଷଣା କଲେ। ଏଇ ରତ୍ନଭଣ୍ଡାର ଅବ୍ୟବସ୍ଥା ଭିତରେ ରାଜ୍ୟବାସୀ ଗଣତିର ଯାଆଁଳା ଭାଇ ମଣତିକୁ ଚିହ୍ନିଲେ। ଯେଉଁଠି ଦେଖ ଗଣତି ଓ ମଣତି ଏକା ସାଙ୍ଗରେ ହାତ ଧରାଧରି ହୋଇ ଉଭା ହେଲେ। ଗଣତିର ଅର୍ଥ ଗଣିବା, ତେବେ ମଣତିଟି ପୁଣି କ'ଣ ? ଲୋକେ ଅଭିଧାନ ଖୋଜିଲେ, ହେଲେ ସେଠି ବି ଏ ଶବ୍ଦ ପାଇଲେ ନାହିଁ। ଅନେକେ ଭାବିଲେ ଏହା ହେଉଛି କଥାର ନଥା : ଯେମିତି ଲୁଗାପଟା, ଆବଡ଼ାଖାବଡ଼ା ସେମିତି ଗଣତିମଣତି। ଅନ୍ୟମାନେ କହିଲେ ମଣତିର ଅର୍ଥ ହେଲା ଆଗରୁ ଯେତେ ଥିଲା, ସେତିକି ଅଛି କି ନାହିଁ ମିଳେଇ ଦେଖିବା। ସେ ଯାହା ବି ହେଉ ଏଇ 'ମଣତି' ଦ୍ୱାରା ଆମ ଶବ୍ଦ ଭଣ୍ଡାର ଟିକେ ସମୃଦ୍ଧ ତ ହେଲା ! ଯାହା କୁହନ୍ତୁ ପଛେ ଏଇ ଗଣତି କାମଟା ସବୁବେଳେ କିଟିମିଟିଆ; ନ ହେଲେ କ'ଣ ୪୭ ବର୍ଷ ଧରି କାମଟି ବାକି ପଡ଼ିଥାନ୍ତା ? ଠାକୁରଙ୍କ ରତ୍ନ ଗଣିବା ବେଳକୁ ସିନା ଏତେ ଉଚ୍ଛୁର, ମଣିଷର ରତ୍ନ, ସୁନା ଆଉ ଟଙ୍କାବିଡ଼ା ଗଣିବାରେ କିନ୍ତୁ ସରକାର କେବେ ହେଳା କରନ୍ତିନି। ମୁଁ ଏଇ ଭିଜିଲାନ୍‌ସ ଚଢ଼ାଉବାଲା ଗଣତି କଥା କହୁଛି। ଏହି ନୂଆ ପ୍ରକାର ଗଣତିଟି ଆମ ଓଡ଼ିଶାରେ ଏବେ ନିତିଦିନିଆ ଘଟଣା। ଚଢ଼ାଉ ଦଳ ଗଣି ଗଣି ହାଲିଆ ହୋଇପଡୁଛନ୍ତି ଓ ଟଙ୍କାଗଣା ଯନ୍ତ୍ର ମଗାଉଛନ୍ତି। ଯନ୍ତ୍ର ବି ବେଳେବେଳେ ଥକି ଯାଉଛି ଗଣତି କାମରେ। ସବୁ ଗଣତି ଚାଲିଛି ଯେତେବେଳେ, ବୁଲା କୁକୁରଙ୍କ ଗଣତି ନ ହେବ କାହିଁକି ? ଆମ ରାଜଧାନୀରେ ବୁଲା କୁକୁରଙ୍କ ଆତଙ୍କରାଜ କଥା କାହାକୁ ବା ଅଜଣା ଆଗରୁ କେବେ କେମିତି ନିରୀହ ବାଟୋଇକୁ କାମୁଡ଼ି ପକାଉଥିଲେ, କିନ୍ତୁ ଆଜିକାଲି ଏମାନେ ସାଇକଲ, ବାଇକ ଓ ଏମିତିକି କାରବାଲାଙ୍କୁ ବି ଗୋଡ଼ାଉଛନ୍ତି। କାରବାଲା ସିନା ଖସି ଯାଉଛି, ହେଲେ ବାଇକ ବାଲାଏଁ ଛାନିଆ ହୋଇ ଏଣେତେଣେ ଦୁର୍ଘଟଣା କରି ପକାଉଛନ୍ତି କିମ୍ବା ଡ୍ରେନ ଭିତରେ ଯାଇ ପଡୁଛନ୍ତି। ଏ ସବୁ ବିଚାର କରି ଭୁବନେଶ୍ୱର ମହାନଗର ନିଗମ ପ୍ରଥମେ କୁକୁରଙ୍କୁ ଗଣି ତା' ପରେ ଉଚିତ ପଦକ୍ଷେପ ନେବେ ବୋଲି ଠିକ୍ କରିଛନ୍ତି। ପଶୁଗୁଡ଼ିକ ଭୋର ବେଳକୁ ନିଜ ଅଂଚଳରେ ଶୋଇଥିବେ ଭାବି ସେଇ ସମୟରେ ଗଣତି ବାଲାଙ୍କୁ ପଠାଯାଉଛି। ସେମାନଙ୍କୁ କୁକୁର ଗଣନାର ସ୍ୱତନ୍ତ୍ର ଟ୍ରେନିଂ ଦେଇ ବହୁତ ଖର୍ଚ୍ଚ ବି କରାଯାଇଛି। ହେଲେ ବହୁ ଆଡ଼ମ୍ବରେ ଲଘୁ କ୍ରିୟା। କେତେକ ସ୍ଥାନରେ ଗଣିବାକୁ ଗୋଟିଏ ବି କୁକୁର ପାଉନାହାନ୍ତି ଗଣତି ଦଳ। ବିଜ୍ଞ ନଗରବାସୀ କହୁଛନ୍ତି ଗଣତି ଦଳ ଯଦି କୁକୁର ଖାଦ୍ୟ ଧରି ଆସନ୍ତେ, କୁକୁରମାନେ ଖାଦ୍ୟ ଲୋଭରେ ମାଡ଼ି ଆସନ୍ତେ। କିନ୍ତୁ ଏମାନଙ୍କ ହାତରେ ଖାଦ୍ୟ ବଦଳରେ ଭିଡିଓ କ୍ୟାମେରା ଦେଖି କୁକୁରମାନେ ଡରି ଯାଉଛନ୍ତି ଓ ଲୁଚି ରହୁଛନ୍ତି। ହେଲେ ସରକାରୀ ପ୍ରକଳ୍ପ ମାନେ ଶେଷକୁ ନିଶ୍ଚେ ଏଣୁତେଣୁ କରି ଗୋଟିଏ ସଂଖ୍ୟା ବାହାରିବ, ତା'ର ବାସ୍ତବିକତା ସହ କିଛି ସମ୍ପର୍କ ଥାଉ କି ନ ଥାଉ ! ଗଣତିର ପରିଣାମ ଏମିତି ହେବା କିଛି ନୂଆ କଥା ନୁହେଁ। ଥରେ ଜଣେ ରାଜାଙ୍କ ମୁଣ୍ଡକୁ ଅଦ୍ଭୁତ ଖିଆଲଟିଏ ଜୁଟିଲା, ସେ ନିଜ ରାଜ୍ୟର କାଉ ସଂଖ୍ୟା ନିର୍ଭୁଲ୍ ଜାଣିବା ଦରକାର। କାଉ ଗଣତି କରିବାକୁ ବିଶାରଦମାନେ ବି ପଛଘୁଂଚା ଦେଲେ। ରାଜା ତାଙ୍କ ବିଦୂଷକକୁ କଥାଟି କହିଲାରୁ ବିଦୂଷକ କହିଲେ, ''ଓ ଏଇ କଥା। କାଲି ସୁଦ୍ଧା ରାଜ୍ୟରେ ଥିବା କାଉଙ୍କ ସଂଖ୍ୟା ଗଣତି କରି ମୁଁ ଜଣାଇ ଦେବି।'' ତହିଁ ଆରଦିନ ବିଦୂଷକ ରାଜାଙ୍କୁ ଗୋଟିଏ ସଂଖ୍ୟା ଜଣାଇଲେ ଯାହା କୋଟିରୁ ଆରମ୍ଭ ହୋଇ ଏକ ନିର୍ଦ୍ଦିଷ୍ଟ ଏକକ ସଂଖ୍ୟାରେ ସରିଥିଲା। ରାଜା କାଉଙ୍କ ଏତେ ସୂକ୍ଷ୍ମ ଗଣନା ଦେଖି ଆଚମ୍ବିତ ହୋଇଗଲେ ଓ ଭାବିଲେ ଯେ ବିଦୂଷକ ତାଙ୍କୁ ଠକି ଦେଇଛନ୍ତି। ସେ ଗମ୍ଭୀର ସ୍ୱରରେ କହିଲେ, ''ଦେଖ, ମୁଁ ପୁଣି ଥରେ ସବୁ ଉପାୟ ଲଗାଇ କାଉ ଗଣତି କରାଇବି। ତୁମେ ଦେଇଥିବା ସଂଖ୍ୟାରୁ ଯଦି କିଛି କମ୍-ବେଶୀ ବାହାରେ, ଜାଣ ସେଦିନ ତୁମର ମୁଣ୍ଡ କାଟ ହେବ।'' ବିଦୂଷକ ଜମା ବିଚଳିତ ନ ହୋଇ କହିଲେ, ''ମଣିମା, ମୋର କାଉ ଗଣନା ସମ୍ପୂର୍ଣ୍ଣ ନିର୍ଭୁଲ୍ ?। ଆଉ ନୂଆ ଗଣନାରେ କମ୍-ବେଶୀ ହେବା ତ ନିଶ୍ଚିତ। ଯଦି ନୂଆ ଗଣନାରେ କାଉ କମ୍ ବାହାରିଲେ, ତେବେ ଧରି ନେବାକୁ ହେବ ଯେ ଆମ ଦେଶର କିଛି କାଉ ପଡ଼ୋଶୀ ରାଜ୍ୟରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲି ଯାଇଛନ୍ତି; ଆଉ ଯଦି ଅଧିକ ସଂଖ୍ୟା ବାହାରେ, ଜାଣିବେ ଯେ ଅନ୍ୟ ରାଜ୍ୟରୁ ଅତିଥି କାଉମାନେ ଏଠାକୁ ବୁଲି ଆସିଛନ୍ତି।''

# ଓଡ଼ିଶାରେ ଶକ୍ତି ଉପାସନା ଓ ମା' ବିମଳା



ପ୍ରାଚୀନ ଯୁଗରୁ ଭାରତବର୍ଷରେ ଶାକ୍ତ ଉପାସନାର ପ୍ରଚଳନ ବହୁଳ ଭାବେ ପରିଦୃଷ୍ଟ। କୁଶାଣ ଯୁଗରୁ ଗୁପ୍ତ ଯୁଗ ମଧ୍ୟରେ ଅର୍ଥାତ୍ ପଚଂମ ଓ ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଆଗମର ପ୍ରାଧାନ୍ୟ ଥିବାବେଳେ ପରେ 'ଯାମଳ' ଗ୍ରନ୍ଥାଦିରେ ଦେବତାଙ୍କ ଶକ୍ତି ରୂପେ ବିଭିନ୍ନ ଦେବୀ ଗୃହୀତ ହେଲେ। ବିଶ୍ୱର ସର୍ବପ୍ରାଚୀନ ଧର୍ମଗ୍ରନ୍ଥ 'ଋଗ୍‌ବେଦ' ଓ 'ସାମ୍‌ବେଦ'ରେ ଦୁର୍ଗା ଆରାଧନା ସମ୍ବନ୍ଧରେ ସୂଚନା ମିଳିଥାଏ। ଭାରତୀୟ ଶକ୍ତି ଉପାସନା ପରମ୍ପରାରେ ଦୁର୍ଗାପୂଜାର ପ୍ରାଧାନ୍ୟ ସର୍ବତ୍ର ଉପଲବ୍ଧ। ବୈଦିକ ଋଷିମାନେ ମଧ୍ୟ ଦେବୀ ଶକ୍ତି ସତ୍ତାର ସ୍ତୁତି ଉପଲବ୍ଧି କରିଥିଲେ। ଶକ୍ତିଙ୍କ ଅସ୍ତିତ୍ୱ ବିଷୟରେ ଆଚାର୍ଯ୍ୟ ଶଙ୍କର କହିଥିଲେ- ଶିବ ଶକ୍ତି ଯୁକ୍ତ ହେଲେ ହିଁ ସେ ଈଶ୍ୱରଙ୍କ କାର୍ଯ୍ୟ କରିବାକୁ ସମର୍ଥ ହୋଇଥାନ୍ତି, ଅନ୍ୟଥା ତାଙ୍କର ସ୍ପନ୍ଦିତ ହେବାକୁ ସାଧ ରହେ ନାହିଁ। 'ମାର୍କଣ୍ଡେୟ ପୁରାଣ' ଅନୁସାରେ ଚେଦି ବଂଶର ମହାମେଘବାହନ ଐର ଖାରବେଳଙ୍କ ବଂଶଧର ରାଜା ସୁରଥ ପ୍ରଥମେ ଉତ୍କଳରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। ଭୌମକର, କେଶରୀ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ ବଂଶ ରାଜାମାନଙ୍କ ରାଜତ୍ୱ କାଳରେ ଶକ୍ତି ପୂଜାର ପ୍ରାଧାନ୍ୟ ପ୍ରଜାମାନଙ୍କୁ ଆଧାତ୍ମିକ ମାର୍ଗରେ ଆକର୍ଷିତ କରିଥିଲା। ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ରର ବିମଳା, ବାଙ୍କୀର ଚର୍ଚ୍ଚିକା, ଯାଜପୁରର ବିରଜା, ବାଣପୁରର ଭଗବତୀ, କାକଟପୁରର ମଙ୍ଗଳା, ଝଙ୍କଡ଼ର ସାରଳା, ତାଳଚେରର ହିଙ୍ଗୁଳା ଓ ସମ୍ବଲପୁରର ସମଲେଶ୍ୱରୀ ପୀଠ ଅନ୍ୟତମ। ଏହି ଦେବୀ ବିଗ୍ରହମାନେ ସ୍ଥଳ ବିଶେଷରେ କେଉଁଠି ଦ୍ୱିଭୁଜା, ଚତୁର୍ଭୁଜା ତ ଅନ୍ୟ କେଉଁଠି ଅଷ୍ଟଭୁଜା ରୂପେ ଉପାସିତ ହେଉଛନ୍ତି। କାଳିକା ପୁରାଣ ଅନୁସାରେ ଉଡ୍‌ଡୀୟାନ ପୀଠର ଅଧିଶ୍ୱରୀ ହେଉଛନ୍ତି ସ୍ୱୟଂ କାତ୍ୟାୟିନୀ ବା ମା' ବିମଳା। ଓଡ଼ିଶାର ସର୍ବ ପ୍ରାଚୀନ ପୀଠ ଶକ୍ତି ଦେବୀ ବିମଳା ହେଉଛନ୍ତି ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତମ ଦେବୀ। ତନ୍ତ୍ର ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ଦକ୍ଷିଣକାଳିକା, ଶ୍ରୀବଳଭଦ୍ରଙ୍କୁ ତାରା, ଦେବୀ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ, ଶ୍ରୀସୁଦର୍ଶନଙ୍କୁ ଷୋଡ଼ଶୀ ଏବଂ ରତ୍ନସିଂହାସନକୁ ଶ୍ରୀଯନ୍ତ୍ର ରୂପେ ବର୍ଣ୍ଣନା କରାଯାଇଛି। କାଳିକା ପୁରାଣ ଅନୁସାରେ ଏଠାରେ କାତ୍ୟାୟନୀ (ବିମଳା) ଓ ଶ୍ରୀଜଗନ୍ନାଥ ହେଉଛନ୍ତି ଉପାସ୍ୟ ଦେବତା। ତାନ୍ତ୍ରିକମାନଙ୍କ ମତରେ ତନ୍ତ୍ର ପୀଠର ପୀଠେଶ୍ୱରୀ ହେଉଛନ୍ତି ମା' ବିମଳା। ସେ କ୍ଷେତ୍ରେଶ୍ୱରୀ ଏବଂ ସ୍ୱୟଂ ଶ୍ରୀଜଗନ୍ନାଥ କ୍ଷେତ୍ରେଶ୍ୱର। ଉଭୟ ଶ୍ରୀଚକ୍ର ଉପରେ ଆସୀନ। ତେଣୁ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର। ଏହି ପୀଠରେ ସତୀଙ୍କ ପାଦ ପଡ଼ିଥିବାରୁ ଏହା ପ୍ରାଚୀନ ଶକ୍ତି ପୀଠ ମଧ୍ୟରୁ ଅନ୍ୟତମ। ଏହି ପାଦ ପୀଠ ପରମ ଗୋପନୀୟ ସିଦ୍ଧତନ୍ତ୍ର ପୀଠ ଓ ଦେବୀ ବିମଳା ତାନ୍ତ୍ରିକ ଦେବୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ବୋଲି ଦେବୀ ଭାଗବତ, 'କାଳିକା ପୁରାଣ' ଓ ବିଭିନ୍ନ ଶାକ୍ତ ଗ୍ରନ୍ଥମାନଙ୍କରେ ବର୍ଣ୍ଣନା ରହିଛି। ପ୍ରାୟ ୬୦ ଫୁଟ ଉଚ୍ଚର ଏହି ମନ୍ଦିର ଗର୍ଭଗୃହର ମଧ୍ୟ ଭାଗରେ ପ୍ରସ୍ତର ନିର୍ମିତ ଶକ୍ତି ପୀଠରେ ପ୍ରସ୍ଫୁଟିତ ଶ୍ୱେତପଦ୍ମ ଉପରେ ଦଣ୍ଡାୟମାନ ଚତୁର୍ଭୁଜା ମା' ବିମଳାଙ୍କର ତ୍ରିନେତ୍ର ରହିଛି। ପ୍ରାୟ ୫ ଫୁଟ ଉଚ୍ଚର ଦେବୀ ବିଗ୍ରହର ଦକ୍ଷିଣ ପାର୍ଶ୍ୱରେ ମାୟା ଓ ବାମ ପାର୍ଶ୍ୱରେ ଛାୟା ଦେବୀ ବିରାଜିତା। ଦେବୀଙ୍କର ହସ୍ତରେ ଆୟୁଧ ରୂପେ ଅକ୍ଷମାଳା, ପାଶ, ସୁଧା କଳସ ଓ ଅଭୟ ମୁଦ୍ରା ସୁଶୋଭିତ। ବିମଳା ମନ୍ଦିରର ନାଟମଣ୍ଡପର କାନ୍ଥରେ ଷୋଡ଼ଶ ମାତୃକା ଓ ଯୋଗିନୀଗଣଙ୍କର ଚିତ୍ର ପ୍ରତିମା ରହିଛି। ମା' ବିମଳାଙ୍କର ଭୋଗ ତିଆରି ପାଇଁ ଶ୍ରୀମନ୍ଦିର ବେଢ଼ା ପରିସରରେ ସ୍ୱତନ୍ତ୍ର ରୋଷଘର ନାହିଁ। ଶ୍ରୀମନ୍ଦିରର ବଲ୍ଲଭ ଭୋଗ ଓ ଅନ୍ୟାନ୍ୟ ଧୂପ (ରାଜଭୋଗ) ସମାପନ ପରେ ଏହି ମନ୍ଦିର ଠାରେ ସମର୍ପଣ ହେବାର ବିଧି ରହିଛି। ପରମ୍ପରା ପ୍ରକାରେ ବଳଭଦ୍ରଙ୍କ ବାଡ଼ର ବଲ୍ଲଭ ପିଙ୍ଗଣ ଏଠାକୁ ସମର୍ପଣ ନିମନ୍ତେ ଆସିବା ସହିତ ବଳଭଦ୍ର ଦେବଙ୍କର ଲାଗି ପ୍ରସାଦ ପଦକ ଓ ଅଧର ମାଳାଦି ବିମଳାଙ୍କୁ ଲାଗି କରାଯାଇଥାଏ। ଧୂପ ସମୟରେ ଥାଳି ଖେଚେଡ଼ି ମହାପ୍ରସାଦ ବିମଳାଙ୍କୁ ସମର୍ପଣ ହୋଇଥାଏ। ବିମଳା ଦେବୀଙ୍କର ପହୁଡ଼ ନୀତିରେ କୋଠରୁ ଏକ ଗୋଟି ପଇଡ଼ ଓ ଘଷାଜଳ ଯୋଗାଯାଇଥାଏ। ଶ୍ରୀଜଗନ୍ନାଥାଦି ଦେବ ବିଗ୍ରହମାନଙ୍କର ପହୁଡ଼ ନୀତି ପରେ ଶୟନ ଠାକୁରଙ୍କ ଚନ୍ଦନ ଓ ପୁଷ୍ପ ସମର୍ପଣ ପରେ ମା' ବିମଳାଙ୍କ ପହୁଡ଼ ହୋଇଥାଏ। ଏହି ମନ୍ଦିରର ଦୈନନ୍ଦିନ ନୀତି ମଧ୍ୟରେ ବିମଳାଙ୍କ ପୂଜକଙ୍କ ଦ୍ୱାରା ସକାଳ ସମୟରେ ମଙ୍ଗଳ ଆଳତି, ମଇଲମ, ସ୍ନାନ, ମାର୍ଜଣା, ବେଶ ଇତ୍ୟାଦି ସମାହିତ ହୋଇଥାଏ। ପରମ ବୈଷ୍ଣବୀ ମା' ବିମଳାଙ୍କର ଶ୍ରେଷ୍ଠ ତଥା ମୁଖ୍ୟ ପର୍ବ ଆଶ୍ୱିନ ମାସରେ ପାଳନ କରାଯାଇଥାଏ। ଏହା ଷୋଡ଼ଶ ଦିନାତ୍ମକ ପୂଜା ଭାବରେ ପ୍ରସିଦ୍ଧ। ପୁରୀ ଜିଲ୍ଲାର ବୀରନରସିଂହପୁର ବ୍ରାହ୍ମଣ ଶାସନର ରଥ ସାମନ୍ତ ସଂଜ୍ଞାଧାରୀ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ଷୋଡ଼ଶ ଉପଚାରରେ ମା' ବିମଳାଙ୍କ ପୂଜା ଏହି ସମୟରେ କରିଥାନ୍ତି। ବିମଳା ଠାକୁରାଣୀଙ୍କର ସହସ୍ର କୁମ୍ଭାଭିଷେକ ଓ ଷୋଡ଼ଶ ପୂଜାର ଆରମ୍ଭ ୧୨ ଦିନ ଗଣତିରେ ଆଶ୍ୱିନ କୃଷ୍ଣପକ୍ଷ ସପ୍ତମୀ ବା ଅଷ୍ଟମୀ ଦିନଠାରୁ ଆରମ୍ଭ ହୋଇଥାଏ। ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିରରେ ଅନ୍ୟାନ୍ୟ ଦେବଦେବୀଙ୍କର ବାହାର ଦେଉଳୀ ଭୋଗର ବନ୍ଦୋବସ୍ତ ଥିବାବେଳେ ମା' ବିମଳାଙ୍କର ଏଠାରେ ବ୍ୟବସ୍ଥା ନାହିଁ। ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡର ୪ର୍ଥ ଅଧ୍ୟାୟରେ କୁହାଯାଇଛି ଯେ, ଅଷ୍ଟଶକ୍ତି ମଧ୍ୟରେ ପ୍ରଥମା ଶକ୍ତି ବିମଳାଙ୍କୁ ଦର୍ଶନ ଓ ବନ୍ଦନା କଲେ ସମସ୍ତ ପାପ ନାଶ ହୋଇ ଅଶ୍ୱମେଧ ଫଳପ୍ରାପ୍ତି ହୋଇଥାଏ। ଭାରତବର୍ଷର ବିଭିନ୍ନ ଅଂଚଳରୁ ଆଗମନ କରୁଥିବା ତାନ୍ତ୍ରିକ, ସାଧାରଣ ଭକ୍ତ ମା' ବିମଳାଙ୍କୁ ଦର୍ଶନ କରି ଅଶେଷ କୃପା ଲାଭ ପୂର୍ବକ ନିଜକୁ କୃତାର୍ଥ ମଣିଥାନ୍ତି।

# ପିତା ପଥି

ବର୍ତ୍ତମାନ ଆମେରିକାରେ ରୋଗୀମାନେ ବ୍ୟବହାର କରୁଥିବା ଜେନେରିକ ଔଷଧପତ୍ରର ୪୦ ଶତାଂଶ ଆସିଥାଏ ଭାରତରୁ। ଅର୍ଥାତ୍ ଭାରତୀୟ ଜେନେରିକ୍ ?ସ ରପ୍ତାନି ଯୋଗୁଁ ନିୟୁତ ନିୟୁତ ଆମେରିକୀୟ ରୋଗୀମାନେ ସ୍ୱଳ୍ପ ବ୍ୟୟରେ ସ୍ୱାସ୍ଥ୍ୟସେବା ପାଇ ପାରୁଛନ୍ତି। ଟ୍ରମ୍ପ ସେଥିରେ ବ୍ୟାଘାତ ସୃଷ୍ଟି କରିବା ଆଶା କରାଯାଏନା। ଆଜି ଠାରୁ ଆମେରିକା ବିଦେଶରୁ ଆମଦାନି କରୁଥିବା ବ୍ରାଣ୍ଡଯୁକ୍ତ ଓ ପେଟେଂଟଯୁକ୍ତ ଔଷଧପତ୍ରମାନଙ୍କ ଉପରେ ୧୦୦ ପ୍ରତିଶତ ହାରରେ ଟାରିଫ୍ ଲାଗୁ କରିଛି। ଔଷଧ ଉତ୍ପାଦନରେ ଆମେରିକାକୁ ଆତ୍ମନିର୍ଭର କରିବା ଓ ସୁଲଭ ମୂଲ୍ୟରେ ସେଠାରେ ଉପଭୋକ୍ତାମାନଙ୍କ ପାଇଁ ଔଷଧପତ୍ର ଉପଲବ୍ଧ କରାଇବା ହେଉଛି ଏହି ଟାରିଫ୍ ଲାଗୁ କରିବା ପଛରେ ନିହିତ ଥିବା ସେ ଦେଶର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ମୁଖ୍ୟ ଉଦ୍ଦେଶ୍ୟ। ସ୍ୱାଭାବିକ ଭାବରେ ଟ୍ରମ୍ପଙ୍କର ଏହି ପଦକ୍ଷେପ ଆମେରିକାକୁ ଔଷଧ ରପ୍ତାନି କରୁଥିବା ବିଦେଶୀ ଔଷଧ ଉତ୍ପାଦନକାରୀ କଂପାନିମାନଙ୍କ ମଧ୍ୟରେ ଏକ ଗୁରୁତର ଛାନିଆ ଭାବ ସୃଷ୍ଟି କରିଛି। ଭାରତୀୟ ଔଷଧ ଶିଳ୍ପ ଏନେଇ ବିଶେଷ ଭାବରେ ଆତଙ୍କିତ ହୋଇ ପଡ଼ିବା ଦେଖାଯାଇଛି ଓ ଏହାର ପ୍ରଭାବରେ ସେଆର ବଜାରରେ ଔଷଧ କଂପାନିମାନଙ୍କର ସେଆର ମୂଲ୍ୟରେ ସ୍ଖଳନ ପରିଲକ୍ଷିତ ହୋଇଛି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ଭାରତୀୟ ଔଷଧ ରପ୍ତାନିକାରୀମାନଙ୍କ ପାଇଁ ଆମେରିକା ହେଉଛି ବୃହତମ ବିଦେଶୀ ବଜାର। ସେମାନେ ବାର୍ଷିକ ପ୍ରାୟ ଯେଉଁ ୨୦ ବିଲିଅନ ଡଲାର ମୂଲ୍ୟର ଔଷଧ ରପ୍ତାନି କରିଥାନ୍ତି, ତାହାର ପ୍ରାୟ ୩୫ ଶତାଂଶ ପ୍ରେରିତ ହୋଇଥାଏ ଆମେରିକାକୁ। ତେବେ ବର୍ତ୍ତମାନ ପାଇଁ ସେମାନଙ୍କୁ ଯାହା କିଛି ମାତ୍ରାରେ ଆଶ୍ୱସ୍ତ କରୁଥିବ, ତାହା ହେଲା ଭାରତୀୟ ରପ୍ତାନିର ମୁଖ୍ୟ ଅଂଶ ହେଉଛି ବ୍ରାଣ୍ଡ୍ ?ହୀନ ଜେନେରିକ ଔଷଧପତ୍ରମାନ, ଯେଉଁଗୁଡ଼ିକ ପ୍ରତି ଏବେ ଟ୍ରମ୍ପଙ୍କ ଟାରିଫ୍ ଲାଗୁ ହେବନାହିଁ। ଏହା ଭାରତୀୟ ଔଷଧ ନିର୍ମାତାମାନଙ୍କ ପାଇଁ ସାମୟିକ ଆଶ୍ୱସ୍ତି ସୃଷ୍ଟି କରୁଥିଲେ ହେଁ, ସେମାନଙ୍କ ପାଇଁ ଭବିଷ୍ୟତ ସଂପୂର୍ଣ୍ଣ ବିପଦମୁକ୍ତ ବୋଲି କୁହାଯାଇ ପାରିବ ନାହିଁ। ଡୋନାଲ୍ଡ ଟ୍ରମ୍ପ ଜାତୀୟ ନିରାପତ୍ତା କାରଣ ଦର୍ଶାଇ ସେଠାରେ ଧାରା ୨୩୨ ଅଧୀନରେ ଔଷଧପତ୍ର ଆମଦାନି ସଂପର୍କରେ ଚଳାଇଥିବା ଅନୁସନ୍ଧାନ ଯେ କେତେବେଳେ ଜେନୈରିକ ଔଷଧପତ୍ର ଆମଦାନି ପ୍ରତି ଲାଗୁ ହୋଇଯାଇପାରେ, ତାହାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଔଷଧ ପ୍ରସ୍ତୁତିରେ ବ୍ୟବହୃତ ସକ୍ରିୟ ଉପାଦାନ ('ଆକ୍‌ଟିଭ ଫାର୍ମାସିଉଟିକାଲ ଇନ୍‌ଗ୍ରେଡିଏଟଂସ'- 'ଏପିଆଇ')ମାନ ଏହି ଅନୁସନ୍ଧାନ ପରିସରଭୁକ୍ତ ହୋଇଥିଲେ ହେଁ, ଏହା ଜେନେରିକ୍‌ସ ଆମଦାନି ପ୍ରତି ମଧ୍ୟ ସଂପ୍ରସାରିତ ହେବାର ସମ୍ଭାବନା ରହିଛି। ଏହି ଅନୁସନ୍ଧାନର ଅନ୍ତିମ ରିପୋର୍ଟ ଡିସେମ୍ବର ଶେଷ ସୁଦ୍ଧା ପ୍ରକାଶ ପାଇବ ଏବଂ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଆଧାର କରି ନିଷ୍ପତ୍ତି ନେବେ। ସେତେବେଳେ ସେ ଯେ ଜେନେରିକ୍‌ସ ଉପରେ ଟାରିଫ୍ ବସାଇ ନ ଦେବେ, ତାହା କିଏ କହିବ ? ଜେନେରିକ ଔଷଧପତ୍ର ବର୍ତ୍ତମାନ ଟ୍ରମ୍ପଙ୍କର ଟାରିଫ୍ ପ୍ରହାରରୁ ଖସିଯିବା ଏକ ସଂଯୋଗ ନୁହେଁ; ଏହା ହେଉଛି ଏକ ସୁଚିନ୍ତିତ ଉଦାରତା। ବଜାରରେ କୌଣସି ବ୍ରାଣ୍ଡ୍ ବହନ କରୁ ନ ଥିବା ଉତ୍ତମ ମାନର ଜେନେରିକ ଔଷଧପତ୍ର ବାଣ୍ଡେଡ୍ ଔଷଧପତ୍ର ଠାରୁ ବେଶ ଶସ୍ତାରେ ଉପଲବ୍ଧ ହୋଇଥାଏ। ଏହା ଆମେରିକାରେ ସ୍ୱାସ୍ଥ୍ୟସେବା ବ୍ୟୟକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସହାୟକ ହୋଇଥାଏ। ଆମେରିକାରେ ସୁଲଭ ଔଷଧ ଯୋଗାଣକାରୀ ସଂଗଠନ 'ଦି ଆସୋସିଏସନ ଫର୍ ଆକ୍‌ସେସିବ୍ଲ ମେଡିସିନ୍‌ସ' ('ଏଏଏମ୍') ସତର୍କ ବାଣୀ ଶୁଣାଇଛି ଯେ ଯଦି ଜେନେରିକ୍‌ସମାନଙ୍କ ପ୍ରତି ଟାରିଫ୍ ଲାଗୁ କରାଯାଏ, ତାହା ସେଠାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟି କରିବ। ଟାରିଫ୍ ଲାଗୁ ହେଲେ ଜେନେରିକ ଔଷଧପତ୍ରମାନଙ୍କର ଦାମ୍‌ରେ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଯୋଗାଣ ସଂକୁଚିତ ହୋଇ ଉପଭୋକ୍ତାମାନଙ୍କ ପାଇଁ ଏକ ଭୟଙ୍କର ସଂକଟ ସୃଷ୍ଟି ହେବ। ଏହି ସଂଗଠନ କରିଥିବା ଏକ ଅନୁଶୀଳନ ଅନୁସାରେ ଆମେରିକାର ଔଷଧପତ୍ର ନିୟନ୍ତ୍ରକ ସଂସ୍ଥା 'ଏଫ୍‌ଡିଏ' ଦ୍ୱାରା ଅନୁମୋଦନପ୍ରାପ୍ତ ଜେନେରିକ୍‌ସମାନଙ୍କର ବ୍ୟବହାର ଦ୍ୱାରା ୨୦୨୪ରେ ଆମେରିକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘଟି ପାରିଥିବା ବ୍ୟୟ ହ୍ରାସର ପରିମାଣ ହୋଇଥିଲା ୪୬୭ ବିଲିଅନ ଡଲାର ଏବଂ ବିଗତ ଦଶନ୍ଧିରେ ଏହି ମୋଟ ସଂଚୟର ପରିମାଣ ହୋଇଛି ଏକ ବିଶାଳ ୩.୪ ଟ୍ରିଲିଅନ ଡଲାର। ଟ୍ରମ୍ପଙ୍କ ପାଇଁ ଏହା ବିଶେଷ ଗୁରୁତ୍ୱ ବହନ କରିଥାଏ। ସେ ଅବଲମ୍ବନ କରିଥିବା ଟାରିଫ୍ ନୀତି ଯୋଗୁଁ ଆମେରିକାରେ ଖାଉଟିମାନେ ଦରଦାମ ବୃଦ୍ଧିର ସମ୍ମୁଖୀନ ହେବେ ବୋଲି ଅର୍ଥନୀତିଜ୍ଞମାନେ ସତର୍କବାଣୀ ଶୁଣାଇ ଚାଲିଥିଲେ ହେଁ ସେ ଏଥିରୁ ନିବୃତ ହେଉନାହାନ୍ତି। ଏ ପର୍ଯ୍ୟନ୍ତ ସେଠାରେ ଦରଦାମ ବୃଦ୍ଧି ଆତଙ୍କ ସୃଷ୍ଟିକାରୀ ସ୍ତର ଛୁଇଁ ନ ଥିଲେ ହେଁ ନିକଟ ଭବିଷ୍ୟତରେ ତାହା ଘଟିବାକୁ ଯାଉଛି ବୋଲି ଆଶଙ୍କା ପ୍ରକାଶ ପାଉଛି। ଦରଦାମ ବୃଦ୍ଧି ତାଙ୍କର ସମର୍ଥକମାନଙ୍କୁ ଟ୍ରମ୍ପଙ୍କ ପ୍ରତି ବିମୁଖ କରିବାର ସମ୍ଭାବନା ଥିବାବେଳେ, ବିଶେଷ କରି ଯଦି ସ୍ୱାସ୍ଥ୍ୟସେବା ଖର୍ଚ୍ଚରେ ବୃଦ୍ଧି ଘଟେ, ତାହା ଜନସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିବ। ତେଣୁ ଏହି ଭୟ ହୁଏତ ଟ୍ରମ୍ପଙ୍କୁ ଜେନେରିକ ଔଷଧପତ୍ର ଉପରେ ଟାରିଫ୍ ଲାଗୁ କରିବାରୁ ନିବୃତ କରିପାରେ। ଟ୍ରମ୍ପ ଆମେରିକାରେ ଔଷଧ ଶିଳ୍ପ ପ୍ରତିଷ୍ଠା ନିମିତ୍ତ ଲକ୍ଷ୍ୟ ରଖି ବର୍ତ୍ତମାନର ଟାରିଫ୍ ନୀତି ଅନୁସରଣ କରୁଥିଲେ ହେଁ, ଔଷଧ ଶିଳ୍ପର ବିଶେଷ ଚରିତ୍ର ଯୋଗୁଁ ତାହା ସ୍ୱଳ୍ପ କାଳ ମଧ୍ୟରେ ସମ୍ଭବ ହେବା ଆଶା କରାଯାଇ ପାରିବ ନାହିଁ। ଏଥିପାଇଁ ଗୁଣାତ୍ମକ ମାନ ନିଶ୍ଚିତ କରିବା ଲାଗି ନିୟନ୍ତ୍ରକମାନଙ୍କ ଠାରୁ ଅନୁମୋଦନ ଲାଭ ଆବଶ୍ୟକ ହୋଇଥାଏ, ଯାହା ଅତ୍ୟନ୍ତ କଠୋର ହୋଇଥାଏ; ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ଉପକରଣମାନଙ୍କର ମଧ୍ୟ କଡ଼ାକଡ଼ି ଯାଚଂ କରାଯାଇଥାଏ, ବଜାର ପାଇଁ ଉତ୍ପାଦନ ଅନୁମୋଦନ ଲାଭ କରିବା ପୂର୍ବରୁ ଛେକ ପରେ ଛେକ ପରୀକ୍ଷାମୂଳକ ଉତ୍ପାଦନ କରାଯାଇଥାଏ, ଉତ୍ପାଦନରେ ନିୟୋଜିତ କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ଦେବାକୁ ପଡ଼ିଥାଏ ଏବଂ ଏକ ଦକ୍ଷ ଓ ନିର୍ଭରଯୋଗ୍ୟ ଯୋଗାଣଶୃଙ୍ଖଳ ପ୍ରତିଷ୍ଠା ଆବଶ୍ୟକ ହୋଇଥାଏ। ଏ ସମସ୍ତ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇ କୌଣସି ଏକ ନୂତନ ଔଷଧ କାରଖାନାରେ ଉତ୍ପାଦନ ଆରମ୍ଭ ହେବା ବେଳକୁ ଡୋନାଲ୍ଡ ଟ୍ରମ୍ପଙ୍କର କାର୍ଯ୍ୟକାଳ ଶେଷ ହୋଇଯାଇଥିବ। ତେଣୁ ନିଜ ସ୍ୱାର୍ଥ ଦୃଷ୍ଟିରୁ ଟ୍ରମ୍ପ ନିଜର କାର୍ଯ୍ୟକାଳ ମଧ୍ୟରେ ଜେନେରିକ ଔଷଧପତ୍ର ଉପରେ ଟାରିଫ୍ ଲାଗୁ କରିବା ଉଚିତ ହେବ ନାହିଁ ବୋଲି ଆଶା କରାଯାଏ। ବର୍ତ୍ତମାନ ଆମେରିକାରେ ରୋଗୀମାନେ ବ୍ୟବହାର କରୁଥିବା ଜେନେରିକ ଔଷଧପତ୍ରର ୪୦ ଶତାଂଶ ଆସିଥାଏ ଭାରତରୁ। ଅର୍ଥାତ୍ ଭାରତୀୟ ଜେନେରିକ୍‌ସ ରପ୍ତାନି ଯୋଗୁଁ ନିୟୁତ ନିୟୁତ ଆମେରିକୀୟ ରୋଗୀମାନେ ସ୍ୱଳ୍ପ ବ୍ୟୟରେ ସ୍ୱାସ୍ଥ୍ୟସେବା ପାଇ ପାରୁଛନ୍ତି। ଟ୍ରମ୍ପ ସେଥିରେ ବ୍ୟାଘାତ ସୃଷ୍ଟି କରିବା ଆଶା କରାଯାଏନା। କିନ୍ତୁ ଏହା ବର୍ତ୍ତମାନ ଜଣାଶୁଣା ଯେ ଡୋନାଲ୍ଡ ଟ୍ରମ୍ପଙ୍କ ମସ୍ତିଷ୍କ ଯୁକ୍ତିନିଷ୍ଠ ଭାବରେ କାର୍ଯ୍ୟ କରି ନ ଥାଏ; ବ୍ୟକ୍ତିଗତ ଆବେଗ ତାଙ୍କର କାର୍ଯ୍ୟକୁ ଅଧିକ ପ୍ରଭାବିତ କରିଥାଏ। ଭାରତ ପ୍ରତି ସେ ବର୍ତ୍ତମାନ ଯେଉଁଭଳି ଖୋଲାଖୋଲି ବିଦ୍ୱେଷ ପ୍ରକଟ କରିବାରେ ଲାଗିଛନ୍ତି, ତାହା ତାଙ୍କୁ ଆଗାମୀ କେତେ ମାସ ମଧ୍ୟରେ ଜେନେରିକ ଔଷଧ ଆମଦାନି ଉପରେ ଟାରିଫ୍ ଲାଗୁ କରିବାକୁ ପ୍ରବୃତ କରିପାରେ। ଏଣୁ ପୃଥିବୀର ଅଗ୍ରଣୀ ଜେନେରିକ୍ ?ଉତ୍ପାଦନକାରୀ ରୂପେ ସୁଖ୍ୟାତ ଭାରତ ଏଣିକି ଆମେରିକା ବଜାର ଉପରେ ଆଉ ଅତ୍ୟଧିକ ନିର୍ଭରଶୀଳ ନ ହୋଇ, ଅବଶିଷ୍ଟ ପୃଥିବୀର ଦେଶମାନଙ୍କରେ ବ୍ୟବସାୟ ବୃଦ୍ଧି କରିବା ପାଇଁ ଜୋରସୋର ଉଦ୍ୟମ ଆରମ୍ଭ କରିଦେବା ଉଚିତ। ଏହାହିଁ ହେଉଛି ଭାରତୀୟ ଔଷଧ ଶିଳ୍ପ ପାଇଁ ଟ୍ରମ୍ପ ପରଶି ଥିବା ପିତା ପଥିକୁ ହଜମ କରିବାର ପ୍ରକୃଷ୍ଟ ଉପାୟ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ‘ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର’ର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

## ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବ : ଧର୍ମେନ୍ଦ୍ର ପ୍ରଧାନ





ହୀରାକୁଦ/ସମ୍ବଲପୁର,୪/୧୦(ନି/ପ୍ର) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଦେବେଇପାଲି ଠାରେ ‘ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର’ର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ‘ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ର’ର ଉଦଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ସମ୍ପଦ ତଥା ପ୍ରତ୍ୟେକ ବ୍ୟକ୍ତିର ଅଧିକାର । ଲୋକାର୍ପିତ ‘ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦନ୍ତ ଚିକିତ୍ସା ସହ ଅନ୍ୟାନ୍ୟ ଚିକିତ୍ସାସେବା ସୁବିଧା ରହିଛି । ଏହି କେନ୍ଦ୍ରଗୁଡ଼ିକ ଲୋକଙ୍କୁ ଉନ୍ନତ ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଉଦ୍ଦିଷ୍ଟ । ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନୀୟ ଅଂଚଳର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିବ । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ‘ସେବା ପର୍ବ -୨୦୨୫’ ଅବସରରେ ଯୋଗଦେଇ ଝାରସୁଗୁଡ଼ାରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଆର୍ୟୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲାକୁ ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ଚିକିତ୍ସାଳୟରେ ରୂପାନ୍ତରଣ କରିବା ପାଇଁ ଘୋଷଣା କରିଛନ୍ତି । ଭିମସାର ମେଡିକାଲରେ ବେଡ୍ ସଂଖ୍ୟା ୧୪୮୫ ଥିବାବେଳେ ଏହାକୁ ୨୬୫୦ ସିଟକୁ ବଢାଯିବ ଏବଂ ଏଥିପାଇଁ ୧୬୧୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପଦକ୍ଷେପ ହସ୍ପିଟାଲକୁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ । ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ ଓ ପଚାଂୟତିରାଜ ମନ୍ତ୍ରୀ ରବି ନାୟକ ଏବଂ ମତ୍ସ୍ୟ ଓ ପଶୁ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ଅଜଣା ଗାଡି ଧକ୍କାରେ ୧ ମୃତ, ୧ ଗୁରୁତର



ପାପଡାହାଣ୍ଡି,୪/୧୦(ନି/ପ୍ର): ପାପଡାହାଣ୍ଡି ଠାରୁ ନବରଙ୍ଗପୁର ଯିବା ରାସ୍ତାରେ ପାପଡାହାଣ୍ଡି ଗ୍ରାମ ନିକଟରେ ଅଜଣା ଗାଡି ଧକ୍କା ରେ ଜଣେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହାତ ହୋଇ ୧୦୮ ରେ ଉଦ୍ଧାର ହୋଇ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅଧିକ ଚିକିତ୍ସା ପାଇଁ କୋରାପୁଟ ଏସଏଲଏନ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଛି , ଘଟଣା ରୁ ପ୍ରକାଶ ଗତ କାଲି ରାତିରେ ନବରଙ୍ଗପୁର ବ୍ଲକ ଅଗ୍ନିପୁର ପଂଚାୟତ ପୁର୍ଣିଗୁଡା ଗ୍ରାମର ଅସପତି ଭତରା ଏବଂ ସଦାଶିବ ନାୟକ ଏକ ବାଇକ ଢଉ୨୪ଇ୪୮୫୪ ଯୋଗେ ଦଶହରା ଦେଖିବାକୁ ପାପଡାହାଣ୍ଡି ଆସୁଥିବା ସମୟରେ ରାତିରେ ଅଜଣା ଗାଡି ସହିତ ଧକ୍କା ହେବା ଫଳରେ ଉଭୟେ ବାଇକ ସହିତ ରାସ୍ତା କଡ଼ ବୁଦା ମୂଳରେ ଛିଟିକି ପଡିଥିବା ବେଳେ ଆଜି ସକାଳୁ ଲୋକଙ୍କ ଠାରୁ ସୂଚନା ପାଇ ୧୧୨ ପାପଡାହାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚି ୧୦୮ କୁ ଖବର ଦେଇ ଗୁରୁତର ଆହାତ ସଦାଶିବଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ, ଆସପତିଙ୍କ ମୃତ ଦେହ ନିକଟରେ ତାଙ୍କର ପରିବାର ଲୋକ ଆସି ଶବ ଚ଼ିହ୍ନଟ କରିବା ପାଇଁ ଅପେକ୍ଷା କରିଛି, ଅଂଚଳ ବାସି ପାପଡାହାଣ୍ଡି ପ୍ରସିଦ୍ଧ ଦଶହରା ପାଇଁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଥିବା ବେଳେ ଏହି ଖବର ଅଂଚଳ ରେ ଶୋକର ଛାଇ ଖେଳାଇ ଦେଇଛି ।

# ଧରାପୃଷ୍ଠରୁ ମା’ଙ୍କ ମେଲାଣୀ

ଧର୍ମଶାଳା, ୪/୧୦(ନି/ପ୍ର) : ଯାଜପୁର ଜିଲା ଧର୍ମଶାଳା ବ୍ଲକର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା ଦୁର୍ଗାଙ୍କ ଭଷାଣୀ ଉତ୍ସବ ଆଜିସ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ମାଦୁର୍ଗାଙ୍କ ମେଡକୁ ଏକ ଶୁସଜିତ ଗାଡିରେ ରଖାଯାଇ ବାଜା, ଗୀତ, ରଙ୍ଗୀନ ସାଜସଜା ଓ ଆତଶବାଜି ସହ ରୋଶଣୀରେ ଜାରକା ବଜାର ପରିକ୍ରମା କରାଯାଇ ଧର୍ମଶାଳା ବଜାରକୁ ନିଆଯାଇଥିଲା ।

# କଳିଙ୍ଗା ଘାଟି ଭୁସ୍ଖଳନକୁ ୧୯ ଦିନ ବିତିଲା :

## ଦୁଇ ଦିନ ହେଲା କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ



ଘୁ.ଉଦୟଗିରି,୪/୧୦(ନି/ପ୍ର): କନ୍ଧମାଳଜିଲ୍ଲା କଳିଙ୍ଗା ଘାଟିରେ ଭୁସ୍ଖଳନକୁ ୧୮ଦିନ ବିତିଛି । ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିପାରିଲେନି ଜାତୀୟ ରାଜପଥ କର୍ତ୍ତୃପକ୍ଷ । ଦୁଇ ଜିଲ୍ଲା ଗଞ୍ଜାମ ଏବଂ କନ୍ଧମାଳର ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୧୦କିମି ବିଶିଷ୍ଟ କନ୍ଧମାଳ-ଗଞ୍ଜାମ ସୀମାରେ ଅବସ୍ଥିତ କଳିଙ୍ଗା ଘାଟିର ରକ୍ଷଣାବେକ୍ଷଣ ମରାମତି ଦାୟିତ୍ୱ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ହାତରେ ରହିଥିବା ବେଳେ ଦୀର୍ଘ ୧୮ଦିନ ହେଲା ରାସ୍ତା ନଷ୍ଟ ହୋଇ ସମ୍ପୂର୍ଣ୍ଣ ବନ୍ଦ ଯାତାୟତ ବନ୍ଦ ରହିଥିବା ବେଳେ ରାସ୍ତା ନିର୍ମାଣରେ ସେମିତି ଆଖି ଦୃଷ୍ଟିଆ କାର୍ଯ୍ୟ ଅଗ୍ରଗତି ହେଉନଥିବା ଯୋଗୁଁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଲାଣି । ଭୁସ୍ଖଳନ ଫଳରେ ୩୦ଫୁଟ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିଲା ତାର ମରାମତି କରି ଅସ୍ଥାୟୀ ରାସ୍ତା ନିର୍ମାଣ କରି ଗାଡି ମୋଟର ଚଳାଚଳ ପାଇଁ ବ୍ୟବସ୍ଥା କରିବାକୁ କାର୍ଯ୍ୟ ଚାଲିଥିବା ବେଳେ ପୁଣି ୨୨ତାରିଖ ଦିନ ଦ୍ୱିତୀୟ ଥର ଭୁସ୍ଖଳନ ଘଟି ପୁଣି ପାହାଡ଼ ଉପରୁ ମାଟି ପଥର ଖସିବା ସହ ବଡ଼ବଡ଼ ପଥର ଅଧାରେ ଅଟକି ରହିଛି । ରାସ୍ତାରେ କଂକ୍ରିଟ ପକାଯାଇ ହ୍ୟୁମ ପାଇପ ରଖାଯାଇ ହାତଯୋଡ଼ି ବସିଛନ୍ତି ଅଧିକାରୀ । ଏହି ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ କିଛି ଅମାନିଆ ବାଇକ ଚାଳକ ଅବାଧ ହୋଇ ସେଇ ରାସ୍ତାରେ ଯାତାୟତ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଶୁକ୍ରବାର ଏକ ଆମ୍ବୁଲାନ୍ସ ବିଶାଖାପାଟଣାରୁ କନ୍ଧମାଳ ଅଭିମୁଖେ ଆସି କଳିଙ୍ଗା ଘାଟିରେ ପହଂଚି କଳିଙ୍ଗା ଘାଟି ରାସ୍ତା ଦେଇ କନ୍ଧମାଳ ଜିଲ୍ଲାକୁ ପ୍ରବେଶ କରିଥିଲା । ଏଥିରୁ ସ୍ୱଷ୍ଟ ସୂଚନା ମିଳୁଛି ଆଗରୁ କଳିଙ୍ଗା ଘାଟି ରାସ୍ତାରେ ଯାତାୟତ ନିମନ୍ତେ କଟକଣା ଲାଗିବା ସହ ସୀମାନ୍ତରେ ପୁଲିସ ମୁତୟତ ରହିଥିଲେ ତଥାପି କିଭଳି ଅମାନିଆ ବାଇକ ଚାଳକ ମାନେ ଏହି ରାସ୍ତାରେ ଯାତାୟତ କରୁଛନ୍ତି ଏବଂ ଗୋଟିଏ ଆମ୍ବୁଲାନ୍ସ କିଭଳି ଏହି ରାସ୍ତାଦେଇ ଆସିଲା ।ରାସ୍ତା ନିର୍ମାଣ ରେ ଯେତେ ବିଳମ୍ବ ହେଉଛି କଟକଣା ସେତିକି ଢିଲା ହେବାରେ ଲାଗିଛି । ସାଧାରଣ ଲୋକଙ୍କ ସମସ୍ୟା ବଢୁଥିବା ବେଳେ ରାସ୍ତା କାର୍ଯ୍ୟ ଧୀମେଇବାରେ ଲାଗିଛି ।

# ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ

ସମ୍ବଲପୁର, ୪/୧୦ (ନି/ପ୍ର) :ସମ୍ବଲପୁର ଜିଲ୍ଲାପାଳଙ୍କ ପ୍ରେକ୍ଷାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ଅବସରରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସମାରୋହରେ ଅତିଥିବୃନ୍ଦ ଗାନ୍ଧୀଜି ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫୋଟୋଚିତ୍ର ରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।ପରେ ଶିଶୁମନ୍ଦିର ର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ରଘୁପତି ରାଘବ ଓ ବୈଷ୍ଣବ ଜନତୋ ଗାନ ପରିବେଷଣ କରଯାଇଥିଲା ।ପରେ ସର୍ବଧର୍ମ ପ୍ରାର୍ଥନା ର ଆୟୋଜନ କରଯାଇଥିଲା । ସର୍ବଧର୍ମ ପ୍ରାର୍ଥନା ରେ ପଣ୍ଡିତ ବ୍ୟାସଦେବ ପଣ୍ଡା , ଫାଦର ସୁରେଶ କେରକେଟା , ମୌଲାନା କାଶିଫ ରଜା ଏବଂ ଗୁରୁ ଗୀତାଙ୍ଗ ସିଂ ଯୋଗ ଦେଇଥିଲେ । ମାନେଶ୍ୱର ତହସିଲଦାର ବ୍ରଜ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ମହାତ୍ମା ଗାନ୍ଧୀ, ଯାହାଙ୍କୁ ସମଗ୍ର ବିଶ୍ୱ ‘ଅହିଂସା ଓ ସତ୍ୟର ପ୍ରତୀକ’ ଭାବେ ଜାଣେ, ସେମାନଙ୍କର ଆଦର୍ଶ କେବଳ ସ୍ୱାଧୀନତାର ସଂଗ୍ରାମକୁ ନୁହେଁ, ଆଜିର ସମାଜକୁ ମଧ୍ୟ ପଥଦର୍ଶନ କରୁଛି । ଗାନ୍ଧୀଜୀଙ୍କ ଜୀବନ ଆମକୁ ଶିଖାଏ ସତ୍ୟ ହେଉଛି ଜୀବନର ସର୍ବୋଚ୍ଚ ଧ୍ୟେୟ, ଅହିଂସା ହେଉଛି ସବୁଠୁ ବଡ଼ ଶକ୍ତି, ସରଳତା ଓ ସ୍ୱଚ୍ଛତା ହେଉଛି ନିଜର ମଣିଷତ୍ୱର ସୁନ୍ଦରତା ଆଜିର ଦିନଟିରୁ ଆମେ ସଙ୍କଳ୍ପ କରିବା ସତ୍ୟ ଓ ଅହିଂସାରେ ଆମର ଆସ୍ଥା ରହିବ, ଆଜିର ପିଲାମାନେ ହେଉଛନ୍ତି କାଲିର ଭବିଷ୍ୟତ ପ୍ରତ୍ୟେକ ପିଲାମାନେ ଦୈନନ୍ଦିନ ଜୀବନରେ ସତ୍ୟ, ଅହିଂସା, ସ୍ୱରାଜ, ସ୍ୱଚ୍ଛତା, ଦୟା, ଶ୍ରମଦାନ ଓ ସେବା କୁ ଅନୁସରଣ କରିବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତା ଏନଏସସିବି ମହାବିଦ୍ୟାଳୟର ଆସିଷ୍ଟାଂଟ ପ୍ରଫେସର ଡ. ରଘୁମଣି ନାୟକ, ଗାନ୍ଧୀଜୀଙ୍କର ୧୫୬ ତମ ଓ ଶାସ୍ତ୍ରୀଙ୍କର ୧୨୨ ତମ ଜନ୍ମ ଜୟନ୍ତୀ ଅବସରରେ ଗାନ୍ଧୀଙ୍କ ଜିବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଂସାର ପ୍ରତୀକ ଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଯୋଗଦାନ ଭାରତୀୟ ମୁକ୍ତିସଂଗ୍ରାମକୁ ଏକ ନୂତନ ମୋଡ଼ ଦେଇ ତାଙ୍କୁ ବିଶ୍ୱବାସୀଙ୍କ ନିକଟରେ ମହାମାନବର ମାନ୍ୟତା ଦେଇଥିଲା । ଶାନ୍ତିଦୂତ ଲାଲ ବାହାଦୁର ଶାସ୍ତ୍ରୀ ଜଣେ ନିଆରା ଜନନାୟକ ଭାବେ ସାରା ବିଶ୍ୱରେ ସୁପରିଚିତ । ଏହି ଦୁଇ ଯୋଗଜନ୍ମା ବରପୁତ୍ର ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମାନବଜାତିର ଉନ୍ନତି ପାଇଁ ଜୀବନକୁ ଉତ୍ସର୍ଗ କରିଯାଇଛନ୍ତି । ସେମାନଙ୍କ ତ୍ୟାଗ, ତିତିକ୍ଷା ଓ ବଳିଦାନର ପଟାନ୍ତର ନାହିଁ । ଭାରତୀୟ ମୁକ୍ତି ସଂଗ୍ରାମରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ ରେ ଲବଣ ସତ୍ୟାଗ୍ରହ ଓ ୧୯୪୨ ରେ ଭାରତ ଛାଡ଼ ଆନ୍ଦୋଳନର ଫଳ ସ୍ୱରୂପ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତବର୍ଷ ପରାଧିନତାର ଶୃଙ୍ଖଳାରୁ ମୁକ୍ତ ହେଲା ବୋଲି କହିଥିଲେ । ଗାନ୍ଧୀ ଦର୍ଶନ ଆଜି ସାରା ପୃଥିବୀରେ ଆଦୃତ ହୋଇଛି । ତାଙ୍କ ମତରେ ସବୁ ସମସ୍ୟାର ସମାଧାନର ଚାବିକାଠି ସତ୍ୟ ଓ ଅହିଂସା ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମ୍ମାନିତ ଧର୍ମଗୁରୁ ମାନଙ୍କୁ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଜୟନ୍ତୀ ଉତ୍ସବରେ ଛାତ୍ରଛାତ୍ରୀ, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ଯୋଗ ଦେଇଥିଲେ । ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମ ର ପ୍ରାରମ୍ଭ ରେ ପ୍ରାତଃ ରୁ ସହରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ କରଯାଇଥିଲା ।ଏହା ପରେ ସମ୍ବଲପୁର ର ଜିଲ୍ଲାପାଳ ଙ୍କ ସମେତ ପ୍ରମୁଖ ପ୍ରଶାସନିକ ଅଧିକାରୀ ସହିଦ ସ୍ତମ୍ଭ, ଭତରା ସ୍ଥିତ ଗାନ୍ଧୀମନ୍ଦିର, ଏବଂ କମିଶନର କୋଲୋନି ଫିଲ୍ଡ ସ୍ଥିତ ଜାତିର ପିତା ଗାନ୍ଧୀଜୀ ଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ମାନେଶ୍ୱର ତହସିଲଦାର ବ୍ରଜକିଶୋର ସାହୁ, ମୁଖ୍ୟବକ୍ତା ଏନଏସସିବି ମହାବିଦ୍ୟାଳୟ ର ଅଧ୍ୟାପକ ଡ. ରଘୁମଣି ନାୟକ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସଦର ତହସିଲଦାର ଅଭିଜିତ ମହନ୍ତ, ସମ୍ବଲପୁର ର ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି, ପର୍ଯ୍ୟଟନ ବିଭାଗ ର ଉପ ନିର୍ଦ୍ଦେଶକ ରବୀନ୍ଦ୍ର ଦଳେଇ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ପ୍ରମୁଖ ମଂଚାସୀନ ଥିଲେ ।

# ୫୪ତମ ବିଜୟା ମିଳନ, ଉନ୍ନତ ପରମ୍ପରାରୁ ସାହିତ୍ୟ ସଂସ୍କୃତିର ପରିଚୟ ମିଳେ

ଭଦ୍ରକ, ୪/୧୦(ନି/ପ୍ର) :ସାଂସ୍କୃତିକ ଜୀବନ ସମାଜକୁ ସୁସ୍ଥ ଓ ସୁନ୍ଦର କରିବାରେ ସହାୟକ ହେବା ସହିତ ଦିଗ୍‌ଦର୍ଶନ ଦେଇଥାଏ । ଯେଉଁଠି ସଂସ୍କୃତିର ଅବକ୍ଷୟ ଦେଖାଯାଏ, ସେଠାରେ ସାଂସ୍କୃତିକ ଜୀବନ ଦୁର୍ବଳ ହୋଇପଡେ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଆୟୋଜିତ ୫୪ତମ ବିଜୟା ମିଳନ ଉତ୍ସବରେ ମତପ୍ରକାଶ ପାଇଛି । ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉତ୍ସବକୁ ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟନ କରି କହିଲେ ଯେ, ଭାଷା ଜ୍ଞାନ ବିଜ୍ଞାନର କଥା କହୁଥିବା ବେଳେ, ସାହିତ୍ୟ ହୃଦୟର କଥା କହିଥାଏ । ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଯୋଗଦେଇ ଓଡ଼ିଶାର ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ଏପରି ବିଜୟା ମିଳନ ଦୀର୍ଘ ୫୪ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଯେପରି ପାଳନ କରିଆସୁଛି ତାହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକା ମନୋରମା ବିଶ୍ୱାଳ ମହାପାତ୍ର କହିଲେ ଯେ, ସମାଜକୁ ଦିଗ୍‌ଦର୍ଶନ ଦେବା ଦିଗରେ ସାହିତ୍ୟିକ ଭୀରୁତା ପ୍ରଦର୍ଶନ କରିବା ଉଚିତ ନୁହେଁ । ସମ୍ମାନିତ ବକ୍ତା ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ ଓ ସୁସାହିତ୍ୟିକା ତଥା ସ୍ମୃତି ସାନ୍ତ୍ୱନାର ସଂପାଦିକା ସବିତାରାଣୀ ବେହେରା ଯୋଗଦେଇ ବିଜୟା ମିଳନ ପରି ଉତ୍ସବ ସାମାଜିକ ଜୀବନରେ ବନ୍ଧୁତା ଓ ପ୍ରୀତି ବଜାୟ ରଖେ ବୋଲି କହିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଂଜନ ରାୟଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଚଳିତବର୍ଷ ମର୍ଯ୍ୟାଦାଜନକ ‘ବିଜୟା ସମ୍ମାନ’ ବିଶିଷ୍ଟ ସାହିତ୍ୟ ସମାଲୋଚକ, ନାଟ୍ୟକାର ଏବଂ ପ୍ରାବନ୍ଧିକ ଡ. ବିଜୟ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସଭାପତି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ‘ବିନୋଦ ବିହାରୀ ସ୍ମୃତି ସମ୍ମାନ’ ପ୍ରଫେସର ଜ୍ୟୋତ୍ସ୍ନା ମହାପାତ୍ର, ‘ନିଶାମଣି ସ୍ମୃତି ସମ୍ମାନ’ ସାହିତ୍ୟିକା ଅନ୍ନପୂର୍ଣ୍ଣା ମହାନ୍ତି, ‘ସରୋଜ କଳା ସ୍ମୃତି ସମ୍ମାନ’ ଚିତ୍ରଶିଳ୍ପୀ କ୍ଷୀରୋଦ ରାଉତ ଏବଂ ‘ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସମ୍ମାନ’ ଡ. ସୁଚେତା ରାଉତଙ୍କୁ ପ୍ରଦାନ କରାଯାଇଥିଲା । ଅଧ୍ୟାପକ ଦତାତ୍ରେୟ ଦାସ ଉତ୍ସବ ସଂଚଳନା କରିଥିବା ବେଳେ, ଅନୁଷ୍ଠାନର ସହସଂପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଂଚ ଆମନ୍ତ୍ରଣ ଓ ସଂପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଲିପିପୁଷ୍ପା ରାୟ,ଜାନକୀ ପାଢ଼ୀ, ମନୋରମା ରାୟ, ମମତା ଦାସ ଓ ବିଚିତ୍ରା ନନ୍ଦ ଜେନା ପ୍ରମୁଖ ମାନପତ୍ର ପାଠ କରିଥିଲେ ।

## ସମ୍ବଲପୁର ଜିଲ୍ଲାରେ ଭକ୍ତିମୟ ପରିବେଶରେ ଶାରଦୀୟ ଦଶହରା ସମ୍ପନ୍ନ

# ମେଲାଣି ନେଲେ ମା’ ମହିଷାମର୍ଦ୍ଦିନୀ



ସମ୍ବଲପୁର,୪/୧୦(ନି/ପ୍ର) :ଭକ୍ତି ଭାବନା ଓ ବିଧିବିଧାନର ସହିତ ପରମ୍ପରାନୁଯାୟୀ ସମ୍ବଲପୁର ଜିଲ୍ଲାର ପୁରପଲ୍ଲୀରେ ଶାରଦୀୟ ଦୁର୍ଗାପୂଜା ଓ ଦଶହରା ସମ୍ପନ୍ନ ହୋଇଯାଇଛି । ଏଥର ଦଶହରା ପୂଜା ସମୟରେ ୪ ଦିନ ଧରି ମନ୍ଦିର ଓ ସାର୍ବଜନୀନ ପୂଜା ମଣ୍ଡପ ମାନଙ୍କରେ ଭକ୍ତମାନଙ୍କ ବ୍ୟାପକ ଗହଳି ଦେଖିବାକୁ ମିଳି ଥିଲା । ଏ ବର୍ଷ ସମ୍ବଲପୁର ମହାନଗରର ୫୭ଟି ସ୍ଥାନକୁ ମିଶାଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ୧୦୦ଟି ସାର୍ବଜନୀନ ମଣ୍ଡପରେ ମା’ ଜଗତ୍ ?ଜନନୀଙ୍କୁ ପୂଜା କରାଯାଇଥିଲା । ମଣ୍ଡପ ଓ ପୀଠମାନଙ୍କରେ ଭକ୍ତମାନେ ମାନସୀକ ଜାଗର ବସାଇଥିଲେ । ସେହିଭଳି ବିଭିନ୍ନ ଘରମାନଙ୍କରେ କୁଳଦେବୀଙ୍କ ଦଶହରା ପୂଜା ଅନୁଷ୍ଠିତ ହୋଇଯାଇଛି । ଅଷ୍ଟମୀ ତିଥିରେ ପାଟଣେଶ୍ୱରୀ ସୁନା ଅଳଙ୍କାରରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଯୁଯୋମୁର ବ୍ଲକ୍ ଅନ୍ତର୍ଗତ ପଡ଼ିଆବାହାଲ ଠାରେ ସାର୍ବଜନୀନ ଦୁର୍ଗାପୂଜାର ଏଥର ୫୧ ବର୍ଷ ପାଳନ ଅବସରରେ ଭବ୍ୟ ଆୟୋଜନ କରାଯାଇଥିଲା । ଗତକାଲି ସର୍ବତ୍ର ବିଜୟା ଦଶମୀ ଉତ୍ସବ ପାଳନ କରାଯାଇଥିଲା । ଏଥିସହିତ ଭସାଣୀ ପର୍ବ ପାଳନ ହୋଇଛି । ଦଶହରା ପାଇଁ ଦୂରଦୁରାନ୍ତ ସ୍ଥାନରୁ ମହିଳାମାନେ ନିଜ ମା’ ଘରକୁ ଓ ଚାକିରିଆମାନେ ପରିବାର ସହିତ ନିଜନିଜ ଘରମାନଙ୍କୁ ଆସିଥାଆନ୍ତି । ପୂର୍ବରୁ ଦୋକାନ ବଜାରରେ ମଧ୍ୟ ଭିଡ଼ ହୋଇ ଥିଲା । ଅନ୍ୟପକ୍ଷରେ ବିଜୟା ଦଶମୀ ଦିନ ସମଲେଶ୍ୱରୀ ଓ ଅନ୍ୟାନ୍ୟ ମନ୍ଦିରରେ ରଣଜିତା ଉତ୍ସବ ପାଳନ କରାଯାଇଛି । ସପ୍ତମୀ ଠାରୁ ନବମୀ ତିଥି ପର୍ଯ୍ୟନ୍ତ ସମଲେଶ୍ୱରୀ ଯୁବକ ସଂଘ, ହାଟପଡ଼ା,ଦଳେଇପଡ଼ା, ମୁଦିପଡ଼ା ଆଦି ବିଭିନ୍ନ ପଡ଼ାର ଏବଂ ବାଟମଂଗଳା ମନ୍ଦିରରୁ ଯୁବକମାନେ ପାରମ୍ପରିକ ଆଖଡ଼ା ସହ ସହର ପରିକ୍ରମା କରିବାର ପରମ୍ପରା ନିର୍ବାହ କରାଯାଇଥିଲା । ଏମାନେ ଝୁଗାର ଆଦି ପୂଜା ସାମଗ୍ରୀ ନେଇ ସମଲାଇ, ପାଟଣେଶ୍ୱରୀ ପ୍ରଭୃତି ପୀଠ ଠାରେ ପୂଜା ଆରାଧନା କରିଥିଲେ । ଅଷ୍ଟମୀ ଦିନ ସମଲାଇ ମନ୍ଦିରର ପୂଜକମାନେ ମହାନଦୀକୁ ଯାଇ ଆୟୁଧ ଆଣିଥିଲେ ।

# ସମ୍ବଲପୁରୀ ନୃତ୍ୟ ପାଇଁ ପ୍ରିୟଲ ପ୍ରଧାନଙ୍କୁ ‘ହିନ୍ଦୁରତ୍ନ ପୁରସ୍କାର’



ସମ୍ବଲପୁର,୪/୧୦(ନି/ପ୍ର): ସମ୍ବଲପୁର ଏ. କଟାପାଲି ନିବାସୀ ତଥା ରାଜଧାନୀ ନୂଆଦିଲ୍ଲୀର ଏମ୍ସ ରେ କାର୍ଯ୍ୟରତ ସତ୍ୟନାରାୟଣ ପ୍ରଧାନ ଓ ଚନ୍ଦ୍ରମୁଖୀ ପ୍ରଧାନଙ୍କ ୯ ବର୍ଷିୟ ପୁତ୍ରୀ ପ୍ରିୟଲ ପ୍ରଧାନଙ୍କୁ ଆଗାମୀ ୩୧ ଅକ୍ଟୋବରରେ ସମ୍ମାନଜନକ ଜାତୀୟ ସ୍ତରର ‘ହିନ୍ଦୁରତ୍ନ’ ପୁରସ୍କାର ପ୍ରଦାନ କରାଯିବ । ନୂଆଦିଲ୍ଲୀର ଜନକପୁରୀ ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଥିବା ପ୍ରିୟଲ ଙ୍କୁ ଏହି ପୁରସ୍କାର ଉତ୍କୃଷ୍ଟ ସମ୍ବଲପୁରୀ ଲୋକ ନୃତ୍ୟ ପାଇଁ ପ୍ରଦାନ କରାଯିବ । ମହାରାଷ୍ଟ୍ରର ପୁନେ ସ୍ଥିତ ପଦ୍ମଶ୍ରୀ ଡା. ମନିଭାଇ ଦେଶାଇ ମାନବସେବା ଟ୍ରଷ୍ଟ ଓ ଡା. ରବିନ୍ଦ୍ରଭୋଲେ ଆରୋଗ୍ୟ ସେବା କେନ୍ଦ୍ରର ପ୍ରତିଷ୍ଠାତା ସଭାପତିତଥା ସମାଜସେବୀ ଡା. ରବିନ୍ଦ୍ର ଭୋଲେଙ୍କ ତରଫରୁ ଦିଆଯାଇଥିବା ପତ୍ର ଅନୁଯାୟୀ, ସାରା ଭାରତବର୍ଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତି ବର୍ଷ ‘ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ହିନ୍ଦୁରତ୍ନ’ ପୁରସ୍କାର ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆଗାମୀ ୩୧ ଅକ୍ଟୋବର ଶୁକ୍ରବାର ଦିନ ପୁନେ ଠାରେ ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପୁନେ ର ଆନ୍ନାଭାଓ ସାଠେ ସାଂସ୍କୃତିକ ଭବନ ଠାରେ ଆୟୋଜିତ ହେବ । ସୁଚନାଯୋଗ୍ୟ ଯେ, ପ୍ରିୟଲ ପ୍ରଧାନଙ୍କ ଛୋଟ ବୟସରୁ ହିଁ ସମ୍ବଲପୁରୀ ନୃତ୍ୟ ପ୍ରତି ରୂଚି ରହିଥିବା ଦେଖି ତାଙ୍କର ପିତାମାତା ଙ୍କ ପ୍ରୋତ୍ସାହନରେ ରାଜଧାନୀ ଦିଲ୍ଲୀ ସମେତ ଦେଶର ଅନ୍ୟ ସ୍ଥାନରେ ସେ ଅନେକ ଥର ନିଜର ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହେବା ସହିତ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।




# ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ପକ୍ଷରୁ ବାର ହାତ ଖଡ୍ଗ ଶୋଭାଯାତ୍ରା



ରାଉରକେଲା,୪/୧୦(ନି/ପ୍ର): ଦଶହରା ପର୍ବ ପାଳନ ଅବସରରେ ଇସ୍ପାତ ନଗରର ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ପକ୍ଷରୁ ପ୍ରସିଦ୍ଧ ୧୨ ହାତ ଖଡ୍ଗ ଶୋଭାଯାତ୍ରା ସେକ୍ଟର-୩ ସ୍ଥିତ ଖଡ୍ଗ ଭବନ ଠାରୁ ବାହାରି ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ନିକଟରେ ପହଞ୍ଚିଥିଲା । ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୁଣି ଖଡ୍ଗ ଭବନ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲା । ମହିଳାମାନଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ବାହାରିଥିଲା । ଏଥିରେ ସହସ୍ରାଧିକ ଖଣ୍ଡାୟତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଯୋଗଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ ସମାଜସେବୀ ହରିହର ରାଉତରାୟଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ଶଶଧର ପାତ୍ର, ମୁଖପାତ୍ର କୁଞ୍ଜବିହାରୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ପ୍ରାଧ୍ୟାପକ ଡ଼ ପ୍ରଭାତ କୁମାର ମଲ୍ଲିକ ଓ ସମ୍ମାନିତ ବକ୍ତା ଭାବେ ଓଡ଼ିଆ ଅଧ୍ୟାପକ କରୁଣାକର ପାଢ଼ଶାଣୀ ତଥା ସ୍ୱତନ୍ତ୍ର ଅତିଥି ଭାବେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଯଦୁମଣି ସ୍ୱାଇଁ, ପ୍ରାକ୍ତନ ମନ୍ତ୍ରୀ ତଥା ବିଧାୟକ ସୁବ୍ରତ ତରାଇ ଓ ପି ପି ରାୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଡ ମଲ୍ଲିକ ଖଣ୍ଡାୟତ କ୍ଷତ୍ରିୟଙ୍କ ଇତିହାସ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଖଣ୍ଡା ହେଉଛି କ୍ଷମତାର ପ୍ରତୀକ, ତଥା ଖଣ୍ଡାର ପ୍ରାସଙ୍ଗିକତା, ମହିଳା ଶାଖାର ନାମ ଶୁକଦେଇ ମହିଳା ଶାଖା ନାମରେ ନାମିତ କରିଥିଲେ । ଯାହା ସର୍ବସମ୍ମତିକ୍ରମେ ସ୍ୱିକୃତି ଲାଭ କରିଥିଲା । ସମ୍ମାନିତ ବକ୍ତା ଶ୍ରୀ ପାଢ଼ଶାଣୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ସମ୍ପ୍ରତି ଖଣ୍ଡାର ଆବଶ୍ୟକତା ନାହିଁ, ସଂଗଠନର ଆବଶ୍ୟକତା ତଥା ଖଣ୍ଡାୟତ କ୍ଷତ୍ରିୟଙ୍କ ସୌର୍ଯ୍ୟ, ଧୈର୍ଯ୍ୟ ଓ ପରାକ୍ରମ ମହାସଭାକୁ ଅଧିକ ସଂଗଠିତ ଶକ୍ତିଶାଳୀ କରିବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଶ୍ରୀ ତରାଇ ଖଡ୍ଗ ଚାଳନାର ପ୍ରଶିକ୍ଷଣକୁ ଗୁରୁତ୍ୱାରୋପ ଓ ପି ପି ରାୟ କୃଷ୍ଣଚନ୍ଦ୍ର ଗଜପତି ଦେବ, ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଅବଦାନ, ଜାତି ଇତିହାସ, କର୍ମ ଓ ଧର୍ମ ଉପରେ ବକ୍ତବ୍ୟ ରଖିଥିଲେ । ସଭାପତି ଶ୍ରୀ ରାଉତରାୟ ମହାସଭାର ଐକ୍ୟବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ସାଧାରଣ ସମ୍ପାଦକ ଶ୍ରୀ ପାତ୍ର ମହାସଭା ଦ୍ୱାରା କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ଆସନ୍ତା ଖଡ୍ଗ ଶୋଭାଯାତ୍ରା ସମୟରେ ଖଣ୍ଡାୟତ କ୍ଷତ୍ରିୟ ଜାତିର ସମ୍ପର୍କରେ ଏକ ସ୍ମରଣିକା ପ୍ରକାଶନ ଉପରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଏହି ଅବସରରେ ମହାସଭା ତରଫରୁ ଡକ୍ଟର ପ୍ରଭାତ ମଲ୍ଲିକ, କରୁଣାକର ପାଢ଼ଶାଣୀ, ଡାକ୍ତର ଗୋପବନ୍ଧୁ ବଳ, ପ୍ରଫେସର ସମର ମୁଦାଲି, ପ୍ରଭାତ କୁମାର ମହାପାତ୍ର, ପ୍ରଦୀପ କୁମାର ଦାସ, ନିରୋଦ କୁମାର ରାଉତ, ହରିହର ରାଉତରାୟ, ମଧୁସ୍ମିତା ପାତ୍ର, କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ, ନିବେଦିତା ସାମଲ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପେନ୍ଦ୍ର କୁମାର ନାୟକ, ଡାକ୍ତର ଉତ୍ତମ ଚରଣ ଜେନା, ସୁଧୀର ସୁନ୍ଦରରାୟ, ଡକ୍ଟର ରବିନ୍ଦ୍ର କୁମାର ଜେନା, କଟକରୁ ଶରତ ସାମଲ ଓ ସ୍ମିତା ମୂଳିଆ, ରବିନାରାୟଣ ପରିଡ଼ା, ସୁରେନ୍ଦ୍ର ରାଉତ, ରାଧାଶ୍ୟାମ ପରିଡ଼ା, ବାବାଜୀ ଚରଣ ସ୍ୱାଇଁ, ଜଗନ୍ନାଥ ରାଉତ, ସୁବ୍ରତ ମଲ୍ଲିକ, ସସ୍ମିତା ପ୍ରଧାନ, ଗଙ୍ଗାଧର ନାୟକ, ଉଗ୍ରସେନ ବିଶ୍ୱାଳ, ରବି ବାରିକ, ରଥିନ୍ଦ୍ର ପ୍ରଧାନ, ନାରାୟଣ ସାମଲ, ପ୍ରଶାନ୍ତ ଭୂଜବଳ, ସାଗରିକା ଭୂଜବଳ, ତନୁ, ସ୍ୱପ୍ନା, ନମିତା, ନିତାଞ୍ଜଳୀ, ରୀତା, ଲୀନା, ଜୟନ୍ତୀ, ମୀନତି, ସରସ୍ୱତୀ, ଉର୍ମିଳା, ସୁକାନ୍ତି, ତପସ୍ୱିନୀ, ଭାନୁ, ଜ୍ୟୋସ୍ନା, ମିତା, ପ୍ରତିଭା, ସ୍ମୃତି, ପ୍ରଯୁକ୍ତା, ସ୍ୱୟଂପ୍ରଭା ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ ।

# ବିଧାୟକ ଦୁର୍ଗା ତନ୍ତୀଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଏବଂ ଇଏସ୍ଆଇସି ଡାକ୍ତରଖାନା ପରିଦର୍ଶନ





ରାଉରକେଲା,୪/୧୦(ନି./ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଗତ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସମଗ୍ର ଭାରତ ବର୍ଷରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଚାଲୁରହିଛି । ଏହି କ୍ରମରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ନେତୃତ୍ୱରେ ସେକ୍ଟର-୮ ସ୍ଥିତ ଦୁର୍ଗା ପୂଜା ପେଣ୍ଡାଲ ସମ୍ମୁଖ ପଡ଼ିଆରେ ଭାରତୀୟ ଜନତା ପାର୍ଟିର ସହକର୍ମୀମାନଙ୍କୁ ନେଇ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ଜେଲ ରୋଡ୍ ଅଚଂଳରେ ଥିବା ଇଏସ୍ଆଇ ଡାକ୍ତରଖାନାକୁ ଅଚାନକ ପରିଦର୍ଶନରେ ଯାଇ ସେଠାରେ ପହଚିଂଥିଲେ । ଏହି ପରିଦର୍ଶନ ସମୟରେ ବିଧାୟକ ଦୁର୍ଗା ଚରଣ ତନ୍ତୀ ଡାକ୍ତରଖାନାରେ ଭର୍ତି ହୋଇ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ପାଖକୁ ଯାଇ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରି ବୁଝିବା ସହ ଡାକ୍ତରଖାନାର ଅନ୍ୟାନ୍ୟ ବ୍ୟବସ୍ଥା ସମ୍ବନ୍ଧରେ ମଧ ପଚାରି ବୁଝିଥିଲେ ।

# ରାଉରକେଲା ପୋଲିସ୍ ଦ୍ୱାରା ବେଆଇନ୍ ବାଣ ଜବତ



ରାଉରକେଲା,୪/୧୦(ନି/ପ୍ର): ଗତ ସେପଟ୍ମେବର ୧୮ ତାରିଖ ଦିନ ରଘୁନାଥପାଲ୍ଲୀ ଥାନା ଏସ୍ଆଇ ଏଚ୍.ପ୍ରଧାନ ପୋଲିସ୍ କର୍ମଚାରୀଙ୍କ ସହିତ ରାଉରକେଲାର ପାନପୋଷ ବସ୍ତିରେ ଏକ ବେଆଇନ ବାଣ ମାମଲା ଚିହ୍ନଟ କରିଥିଲେ । ଅଭିଯୁକ୍ତ ପବନ କୁମାର ଚୌରାସିଆ ପର୍ବପର୍ବାଣୀ ଋତୁରେ ରାଉରକେଲା ବଜାରରେ ବିକ୍ରୟ ଉଦ୍ଦେଶ୍ୟରେ କୌଣସି ଲାଇସେନ୍ସ ନଥାଇ ବେଆଇନ ଭାବରେ ବାଣ ରଖି ବିକ୍ରୟ କରୁଥିବାର ଜଣାପଡ଼ିଥିଲା ।ଏହି ଘଟଣାରେ ପାନପୋଷ ବସ୍ତିର ଅଭିଯୁକ୍ତ ପବନ କୁମାର ଚୌରାସିଆ (୪୨)ଙ୍କୁ ଗିରଫ କରାଯିବା ସହିତ ୪୦ ପ୍ୟାକେଟ ମେଗା ଏଲିଫ୍ୟାଟଂ, ୩ ବଣ୍ଡଲ ତାଜ୍ ଜାଏଟଂ କ୍ରାକର, ୪୮ ପ୍ୟାକେଟ୍ ଫ୍ଲାୱାର ଅଶୋକା, ୪୦ ପକେଟ ଫ୍ଲାୱାର ପଟ୍, ୪୦ ପ୍ୟାକେଟ୍ କିଟ୍ କ୍ୟାଟ୍, ୧୦ ପ୍ୟାକେଟ୍ ଗ୍ରାଉଣ୍ଡ କ୍ରାକର, ୨ ପ୍ୟାକେଟ୍ ସ୍କାଏ ଜେଲ୍, ୧୦ ପ୍ୟାକେଟ୍ ସନସାଇନ୍ ପାଇରୋ ଇଣ୍ଡିଆ, ୧୩ ପ୍ୟାକେଟ୍ ଗ୍ରୀନ୍ ସ୍ପାର୍କଲ୍, ୬ ପ୍ୟାକେଟ୍ ସନ୍ କିଙ୍ଗ୍, ୯୫୦ ପ୍ୟାକେଟ୍ ନମ୍ବର-୧ କ୍ରାକଲି, ୭ ପ୍ୟାକେଟ୍ ସୁପର ମେଗା ବୁଲେଟ୍, ୪ ପ୍ୟାକେଟ୍ ଲୋର ପ୍ୟାଟ୍ ଅଶୋକା ଜବତ କରାଯାଇଛି । ଅଭିଯୁକ୍ତ ପବନ କୁମାର ଚୌରାସିଆ (୪୨) ବିରୋଧରେ ବିଏନ୍ଏସର ୨୮୮ ଧାରା ଏବଂ ଓଡିଶା ଫାୟାର ୱାର୍କସ ଆଣ୍ଡ ଲାଉଡସ୍ପିକର୍ (ରେଗୁଲେସନ) ଆକ୍ଟ ସେକ୍ସନ-୫ ଏବଂ ଇଣ୍ଡିଆନ ଏକ୍ସପ୍ଲୋସିଭ ଆକ୍ଟ ସେକ୍ସନ-୯(ବି)(୧)ବି ଅନୁଯାୟୀ ରଘୁନାଥପାଲ୍ଲୀ ଥାନା ମାମଲା ୫୬୧/୨୦୨୫ ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି ।

# ବ୍ରହ୍ମାକୁମାରୀ ପକ୍ଷରୁ ଚୈତନ୍ୟ ଦେବୀ ଦର୍ଶନ କାର୍ଯ୍ୟକ୍ରମ

ଭଦ୍ରକ,୪/୧୦: ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭଦ୍ରକ ଓ ବାଇପାସ୍ ଦୁର୍ଗା କମିଟି ଭଦ୍ରକ ର ମିଳିତ ସହଯୋଗ ରେ ବାଇପାସ୍ ଦୁର୍ଗା ମଣ୍ଡପ ନିକଟରେ ଦୁର୍ଗାପୂଜା ଉପଲକ୍ଷେ ଚୈତନ୍ୟ ଦେବୀ ଦର୍ଶନ ର ଏକ ଆକର୍ଷଣୀୟ କାର୍ଯକ୍ରମ ଦୁଇ ଦିନ ପାଇଁ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ର ଉଦ୍ଘାଟନ ଉତ୍ସବ ରେ ପ୍ରଥମ ଦିବସରେ ବରିଷ୍ଠ ନାଗରିକ ସଂଘ,ଭଦ୍ରକ ର ସଭାପତି ଲଳାଟେନ୍ଦୁ ମହାନ୍ତି ଏବଂ ଦ୍ୱିତୀୟ ଦିବସରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,ଭଦ୍ରକ,ଅରୂପ ଅଭିଷେକ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଅଜୟ କୁମାର ନାୟକ,ପୂର୍ବତନ ବିଧାୟକ ରାଜୁ ଦାସ, ବାଇପାସ୍ ପୂଜା କମିଟି ର ସଭାପତି ଗୋପାଳ ପ୍ରସାଦ ନାୟକ,ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭଦ୍ରକ ର ମୁଖ୍ୟ ସଂଚାଳିକା ବ୍ରହ୍ମା କୁମାରୀ ମଞ୍ଜୁ ଭଉଣୀ, ବ୍ରହ୍ମା କୁମାରୀ ପ୍ରତିଭା ଭଉଣୀ ତଥା ପୂଜା କମିଟି ର ପ୍ରମୁଖ କର୍ମକର୍ତା ବୃନ୍ଦ ଯୋଗ ଦେଇଥିଲେ ।

# ଶ୍ରୀ ସମଲେଶ୍ୱରୀ ଦୁର୍ଗା ପୂଜା କମିଟି ପକ୍ଷରୁ ବିଶାଳ ବିସର୍ଜନ ଶୋଭାଯାତ୍ରା



ରାଉରକେଲା,୪/୧୦(ନି/ପ୍ର): ସହରର ବିରଜାପାଲି ସ୍ଥିତ ଶ୍ରୀ ସମଲେଶ୍ୱରୀ ଦୁର୍ଗା ପୂଜା କମିଟି ପକ୍ଷରୁ ଦେବୀଙ୍କ ବିସର୍ଜନ ପାଇଁ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇଥିଲା । ଏଥିରେ ମହିଳା ଏବଂ ଯୁବବର୍ଗମାନେ ମାଙ୍କୁ ବିଦାୟ ଦେଇଥିଲେ । ରାଉରକେଲାର ବିରଜାପାଲିରେ ଅବସ୍ଥିତ ସମଲେଶ୍ୱରୀ ଦୁର୍ଗା ପୂଜା କମିଟି ଦ୍ୱାରା ଏହି ବିସର୍ଜନ ଶୋଭାଯାତ୍ରାକୁ ମହାଆଡମ୍ବରରେ ବାହାର କରାଯାଇଥିଲା । ସ୍ଥାନୀୟ ଅଂଚଳର ଶହ ଶହ ପୁରୁଷ, ମହିଳା ଏବଂ ଯୁବକ ଏହି ବିସର୍ଜନ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ବହୁ ସଂଖ୍ୟକ ମହିଳା ମା ଦୁର୍ଗାଙ୍କ ବିସର୍ଜନରେ ଅଂଶଗ୍ରହଣ କରି ତାଙ୍କୁ ବିଦାୟ ଦେଇଥିଲେ । ବିରଜାପାଲିରୁ ଆରମ୍ଭ ହୋଇ ମା ଦୁର୍ଗାଙ୍କ ପ୍ରତିମାକୁ ଏକ ଟ୍ରକରେ ସଜ୍ଜିତ କରାଯାଇ ଉଦିତନଗର ଆମ୍ବେଦକର ଛକ, ରାଉରକେଲା ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟାଳୟ ଛକ, ରିଙ୍ଗ ରୋଡ୍ ଦେଇ ମାଆଙ୍କୁ ବାଲୁଘାଟ କୃତ୍ରିମ ପୁଷ୍କରିଣୀ ନିକଟକୁ ନିଆଯାଇଥିଲା । ଏହି ବିସର୍ଜନ ଶୋଭାଯାତ୍ରାରେ ଯୁବକମାନଙ୍କ ସମେତ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ଡିଜେର ତାଳେ ତାଳେ ନାଚୁଥିବାର ଦେଖିବାକୁ ମିଳିଥିଲା । ସମଲେଶ୍ୱରୀ ଦୁର୍ଗା ପୂଜା କମିଟିର ସଭାପତି ପରିକ୍ଷିତ ସାଗର, ଉପାଧ୍ୟକ୍ଷ ଜ୍ୟୋତି ବିଭାର, ସାଧାରଣ ସମ୍ପାଦକ ସଂଗ୍ରାମ ରାଉତ, କୋଷାଧ୍ୟକ୍ଷ ଶ୍ରୀନାଥ ସିନ୍ଦୂର, ପରାମର୍ଶଦାତା ଅଙ୍କୁର ସାଗର, ସମାରୁ ବିଭାରଙ୍କ ସମେତ ବହୁ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ । ସେହିପରି ଉଦିତନଗର ଦ୍ୱାରକାପୁରୀ ହୋଟେଲ ସମ୍ମୁଖରେ ଉଦିତ ନଗର ଦୁର୍ଗା ପୂଜା କମିଟି ଦ୍ୱାରା ଏକ ମହାନ ଢଙ୍ଗରେ ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା । କମିଟିର ଅଧିକାରୀ ଏବଂ ସଦସ୍ୟମାନେ ଝାଡ଼ଖଣ୍ଡର ଟାଟାନଗରରୁ ଆସିଥିବା ଡଙ୍କା ପାର୍ଟିର ସଂଗୀତ ବଜାଇବା ସହିତ ବିସର୍ଜନ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟା ୭ଟାରେ, ଏହି ବିସର୍ଜନ ଶୋଭାଯାତ୍ରା ପୂଜା ମଣ୍ଡପରୁ ଆରମ୍ଭ ହୋଇ ଆମ୍ବେଦକର ଚୌକ, ହନୁମାନ ଭାଟିକା ତ୍ରିଶକ୍ତି ମନ୍ଦିର ଏବଂ ରିଙ୍ଗ ରୋଡ ଦେଇ ବାଲୁରଘାଟ କୃତ୍ରିମ ପୁଷ୍କରିଣୀରେ ପହଚିଂ ଥିଲା । ସେଠାରେ ପ୍ରଶାସନ ପକ୍ଷରୁ ବିସର୍ଜନ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । କ୍ରେନ୍ ସାହାଯ୍ୟରେ ମାଆଙ୍କ ମୂର୍ତ୍ତିକୁ କୃତ୍ରିମ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା । ପୂଜା କମିଟି ସଭାପତି ସନ୍ତୋଷ ଅଗ୍ରୱାଲ, ସଚିନ ରାଜେନ୍ଦ୍ର ସାହୁ, ନୀରୁ ଅଗ୍ରୱାଲ, ପ୍ରୀତମ ସାହୁ, ବିମଳ ସାହୁ, ଆଶୁ ସାହୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ସଦସ୍ୟ ବିସର୍ଜନ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

# ଗାନ୍ଧୀ ଜୟନ୍ତୀ ଅବସରରେ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା,୪/୧୦(ନି/ପ୍ର): ଜିଲ୍ଲା ସ୍କାଉଟ ଆଣ୍ଡ ଗାଇଡ ତରଫରୁ ରାଉରକେଲା ରେଲୱେ ଷ୍ଟେସନ ଠାରେ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍କାଉଟ କମିଶନର ବ୍ରଜେନ୍ଦ୍ର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା କଲେଜର ଓଡିଆ ବିଭାଗର ଅଧ୍ୟାପକ କରୁଣାକର ପାଢ଼ଶାଣୀ ଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଙ୍କ ଜୟନ୍ତୀ ଉପଲକ୍ଷେ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତା କୁ ଦର୍ଶାଇବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ । ଅନ୍ୟତମ ଅତିଥି କବି କୁଞ୍ଜବିହାରୀ ରାଉତ ସ୍ୱଚ୍ଛତା ଓ ଉଭୟ ମହାମନିଷୀ ଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଗାଇଡ୍ କମିଶନର ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ସୈ ।ଦାମିନୀ ମୁଦାଲି ତାଙ୍କ ବକ୍ତବ୍ୟରେ ଏଭଳି ସାମାଜିକ କାର୍ଯ୍ୟକ୍ରମ ଜାରି ରହିବ କହିଥିଲେ । ଏହି ଅବସରରେ ଷ୍ଟେସନ ଠାରେ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ବିସ୍କୁଟ,ପାଣି ଓ ପୋଷାକ ପତ୍ର ବଂଟନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ରମାକାନ୍ତ ମଲ୍ଲିକ, ଲକ୍ଷ୍ମୀ ସାହୁ,ଶ୍ରୀବତ୍ସ ସାମଲ, କଳ୍ପନା ବେହେରା,ଅରୁଣ କୁମାର ସ୍ୱାଇଁ, ଅକ୍ଷୟ ଦାସ, ବିଜୟ କୁମାର ଦାସ, ପ୍ରିୟଙ୍କା ମହାରଣା, ସସ୍ମିତା ପ୍ରଧାନ, ରଶ୍ମିତା ସେନାପତିଙ୍କ ସହ ବାଜି

# ଆରଏସପିର ବ୍ଲାଷ୍ଟ ଫର୍ଣ୍ଣେସ୍ ରୁ ଆର୍ଥିକ ବର୍ଷ ପ୍ରଥମାର୍ଦ୍ଧରେ ରେକର୍ଡ ଉତ୍ପାଦନ





ରାଉରକେଲା,୪/୧୦(ନି/ପ୍ର):ସେଲ ରାଉରକେଲା ଇସ୍ପାତ କାରଖାନା ବ୍ଲାଷ୍ଟ ଫର୍ଣ୍ଣେସ୍ ଦ୍ୱୟ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନୂତନ ଉତ୍ପାଦନ ରେକର୍ଡ ସ୍ଥାପନ କରିଛନ୍ତି । ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ପ୍ରଥମ ଛଅ ମାସରେ ଯଥାକ୍ରମେ ୫,୫୫,୫୨୪ ଟନ୍ ? ଏବଂ ୧୫,୯୩,୯୬୮ ଟନ୍ ଉତପ୍ତ ଧାତୁ ଉତ୍ପାଦନ କରି ସର୍ବଶ୍ରେଷ୍ଠ ଅପ୍ରେଲ-ସେପ୍ଟେମ୍ବର ପ୍ରଦର୍ଶନ ପଞ୍ଜିକୃତ କରିଥିଲେ । ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ମଧ୍ୟ ସମାନ ଅବଧି ମଧ୍ୟରେ ୧୩,୦୫,୫୫୭ ଟନ୍ ଏଚଆର କଏଲ୍ ରୋଲିଂ କରି ଏହାର ସର୍ବୋନ୍ନମ ପ୍ରଥମାର୍ଦ୍ଧ ପ୍ରଦର୍ଶନ ସହକାରେ ଅନୁରୂପ ପୂର୍ବ ବର୍ଷ ଅବଧି (ସିପିଏଲୱାଇ) ତୁଳନାରେ ୩.୨% ଅଭିବୃଦ୍ଧି ହାସଲ କରିଛି । ସିଟ୍ ସିଅରିଂ ଲାଇନ୍ (ଏସଏସଏଲ) ମଧ୍ୟ ୧,୫୨,୪୧୫ ଉତ୍ପାଦନ କରି ଏହାର ସର୍ବୋନ୍ନମ ପ୍ରଥମାର୍ଦ୍ଧ ପ୍ରଦର୍ଶନ ରେକର୍ଡ କରିଛି । ନୂତନ ପ୍ଲେଟ୍ ମିଲ୍ (ଏନପିଏମ) ଏପ୍ରିଲ-ସେପଟ୍ମେବର ମାସ ଅବଧିରେ ୫,୦୩,୯୩୩ ଟନ୍ ପ୍ଲେଟ୍ ରୋଲିଂ କରି ଏହାର ସର୍ବୋନ୍ନମ ପ୍ରଥମାର୍ଦ୍ଧ ପ୍ରଦର୍ଶନ ରେକର୍ଡ ହାସଲ କରିଛି ଏବଂ ୨୦୨୩-୨୪ ମସିହାର ସମାନ ସମୟରେ ହାସଲ ପୂର୍ବଶ୍ରେଷ୍ଠ ୪,୬୫,୧୯୮ ଟନ୍ ପ୍ରଦର୍ଶନକୁ ଅତିକ୍ରମ କରିଛି । ୨୦୨୫-୨୬ ପ୍ରଥମାର୍ଦ୍ଧରେ କାରଖାନାରୁ ସିଧାସଳଖ ପ୍ରେରଣ ସର୍ବକାଳୀନ ଶ୍ରେଷ୍ଠ ୧୫,୮୭,୫୪୭ ଟନ୍ ରେ ପହଚିଂଛି, ଏବଂ ୨୦୨୩-୨୪ ମସିହାର ସମାନ ସମୟ ମଧ୍ୟରେ ରେକର୍ଡ କରାଯାଇଥିବା ୧୫,୮୧,୨୭୫ ଟନ୍ ର ପୂର୍ବ ସର୍ବୋନ୍ନମ ପ୍ରଦର୍ଶନକୁ ଅତିକ୍ରମ କରିଛି । ୨୦୨୫ ସେପଟ୍ମେବର ମାସରେ, ଆରଏସପି ୩,୪୬,୫୬୭ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ କରି ନୂତନ ମାନଦଣ୍ଡ ସ୍ଥାପନ କରିଛି, ଯାହା ଏହାର ସର୍ବୋନ୍ନମ ସେପଟ୍ମେବର ମାସ ପ୍ରଦର୍ଶନ ଅଟେ । ବ୍ଲାଷ୍ଟ ଫର୍ଣ୍ଣେସ୍-୧ ସେପଟ୍ମେବର ମାସରେ ୯୬,୭୨୭ ଟନ୍ ଉନ୍ନପ୍ତ ଧାତୁ ଉତ୍ପାଦନ ସହକାରେ ୨୦୨୪ ସେପଟ୍ମେବରରେ ହାସଲ ହୋଇଥିବା ଏହାର ପୂର୍ବଶ୍ରେଷ୍ଠ ୮୮,୨୭୯ ଟନ୍ କୁ ଅତିକ୍ରମ କରିଛି । ଏଚଏସଏମ-୨ ମଧ୍ୟ ସେପଟ୍ମେବର ମାସରେ ୨,୩୭,୧୯୭ ଟନ୍ ଏଚଆର କଏଲ୍ ରୋଲିଂ କରି ସର୍ବଶ୍ରେଷ୍ଠ ସେପଟ୍ମେବର ଉତ୍ପାଦନ ହାସଲ କରିଛି । ଅନୁରୂପ ଭାବେ ଏସଏସଏଲ ସେପଟ୍ମେବର ମାସରେ ୨୯,୦୧୦ ଟନ୍ ପ୍ଲେଟ ଉତ୍ପାଦନ କରି ଏହାର ସର୍ବୋନ୍ନମ ସେପଟ୍ମେବର ପ୍ରଦର୍ଶନ ରେକର୍ଡ କରିଥିବାବେଳେ ଏନପିଏମ ରେକର୍ଡ ୮୩,୮୬୨ ଟନ୍ ପ୍ଲେଟ୍ ରୋଲ୍ ପୂର୍ବକ ୨୦୨୩ ମସିହା ସେପଟ୍ମେବର ମାସରେ ହାସଲ କରିଥିବା ଏହାର ପୂର୍ବ ସର୍ବୋନ୍ନମ ୮୩,୨୧୭ ଟନ୍ ଉପରେ ଉନ୍ନତି ଆଣିଛି । ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧର ଅନ୍ୟ ପ୍ରମୁଖ ପ୍ରଦର୍ଶନ ମଧ୍ୟରେ ଇଆରଡବ୍ଲୁ ପାଇପ୍ ପ୍ଲା[ରେ ୧୪" ବ୍ୟାସରେ ଏପିଆଇ ଏକ୍ସ ୫୨ ପିଏସଏଲ-୧ ଅର୍ଡରର ସଫଳ କାର୍ଯ୍ୟାନ୍ୱୟନ ଏବଂ ଏଚଏସଏମ-୨ ରେ ପତଳା ୨ ମିମିରୁ କମ ମୋଟେଇ ରେ ୬୦୦୦ ଟନ୍ ଏବଂ ୨ ମିମି ମୋଟେଇର ୧୯୫୦୦ ଟନ୍ ରୋଲିଂ ଅନ୍ତର୍ଭୁକ୍ତ । ଇସ୍ପାତ କାରଖାନା ବୈଷୟିକ ଅର୍ଥନୈତିକ ପରିମାପକତାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରିଛି, ଯେଉଁଥିରେ ଏସଏମଏସ-୧ ରେ ସର୍ବଶ୍ରେଷ୍ଠ ପ୍ରଥମାର୍ଦ୍ଧ ଷ୍ଟିଲ୍ ଲାଡେଲ୍ ହାରାହାରି ଆୟୁ ୯୩.୦ ହିଟ ଏବଂ ଏସଏମଏସ-୨ ରେ ୧୪୩.୭ ହିଟ ହାସଲ କରିଛି ।

# ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀଙ୍କୁ ଭକ୍ତିପୁତ ଶ୍ରଦ୍ଧାଂଜଳୀ



ରାଉରକେଲା,୪/୧୦(ନି/ପ୍ର):ମହାତ୍ମାଗାନ୍ଧୀ ଜୟନ୍ତୀ କମିଟି ପକ୍ଷରୁ ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀଙ୍କ ୧୫୭ତମ ଜୟନ୍ତି ଅବସରରେ ତାଙ୍କ 'ଟୋ ଚିତ୍ରରେ ଭକ୍ତିପୁତ ଶ୍ରଦ୍ଧାଂଜଳୀ ଅର୍ପଣ କରାଯାଇଛି । ଗଙ୍ଗାଧରପାଲ୍ଲୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ଯୋଗଦେଇ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ସାଧାରଣ ସଂପାଦିକା ସବିତା ଖାତୁନଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ବସ୍ତି ବାସିନ୍ଦା ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶ୍ରୀ ତ୍ରିପାଠୀ ନିଜ ବକ୍ତବ୍ୟରେ କହିଲେ ଯେ ମା' ଦୂର୍ଗା ମହୀଷାସୂରକୁ ବଦ୍ଧ କରି ଆତଙ୍କରାଜର ଅବସାନ ଘଟାଇଥିଲେ । ସେହିପରି ଦେଶକୁ ବ୍ରିଟିସ ମାନଙ୍କ କବଳରୁ ଉଦ୍ଧାର କରିବା ପାଇଁ ପଣ କରି ଗାନ୍ଧିଜୀ ଦେଶବାସୀଙ୍କ ଅକୁଣ୍ଠ ସହଯୋଗରେ ବ୍ରିଟିସ ମାନଙ୍କୁ ଦେଶରୁ ବିତାଡିତ କରି ଦେଶକୁ ସ୍ୱାଧୀନତା ଆଣିବାରେ ସ'ଳ ହୋଇଥିଲେ । ସେହି ପୂଣ୍ୟତ୍ମାଙ୍କ ଜନ୍ମ ଦିନରେ ତାଙ୍କର ଦେଶ ପ୍ରତି ସମର୍ପିତ ମନୋଭାବ ସର୍ବଦା ମନେ ରହିବ ବୋଲି କହିଥିଲେ । ଅଙ୍ଗନବାଡିର ସହାୟୀକା ଆରତି ସେଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରତିମା ଦାସ, ଉଷାରାଣୀ ସାହୁ, ଝରଣା ସେଠୀ, ରମାମଣୀ ମଲ୍ଲ , ସ୍ୱର୍ଣ୍ଣଲତା ସାହୁ, ନମିତା ପାତ୍ର, ବାସନ୍ତି କୁଆ, ଶ୍ରୀମତୀ ମୁଣ୍ଡା, ମନୋରମା ଓଝା, ନିକିତା କେରେକେଟା, ମହିମା ସଏ, ଆନନ୍ଦିତା ସଏ, ଆରତୀ ଖାତୁନ, ପଦ୍ମାବତୀ ସେଠୀ, ଅଂଜନା ନାୟକ, ପ୍ରଣତୀ ସାହୁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ କୋଷାଦ୍ଧ୍ୟକ୍ଷ ଚିନ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।